ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.177 Bhubaneswar Tuesday August 22 2023 | ୨୬ତମ ବର୍ଷ ସଂଖ୍ୟା-୧୭୭ ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୨, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ରାଜୀବ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଯୁବ ପିଢ଼ିଙ୍କୁ ପିସିସି ସଭାପତିଙ୍କ ଆହ୍ୱାନ







ଭୁବନେଶ୍ୱର,୨୧।୮(ପି.ଏନ) : ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଓ ରାଜୀବ ଗାନ୍ଧୀ ଷ୍ଟଡ଼ି ସର୍କଲ ପକ୍ଷରୁ ଆଜି ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୭୯ତମ ଜନ୍ମ ବାର୍ଷିକ, ରାଜୀବ ଗାନ୍ଧୀ ଶିକ୍ଷା ଓ ପ୍ରତିଭା ସମ୍ମାନ ଉତ୍ସବ ରାଜ୍ୟ ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ଯୋଗ ଦେଇ କାର୍ଯ୍ୟକ୍ରମକୁ ପ୍ରଦ୍ୱିପ ପ୍ରଜ୍ୱୋଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କ ଦୂରଦୃଷ୍ଟି ଓ ସମଗ୍ର ଭାରତ ବର୍ଷରେ ଦାରିଦ୍ର୍ୟତା ଏବଂ ନିରକ୍ଷରତାକୁ ସମୂଳେ ନଷ୍ଟ କରାଯାଇପାରିଲେ ଯୁବପିଢ଼ିମାନଙ୍କ ଦ୍ୱାରା ଏକ ନୂତନ ଭାରତ ଗଢ଼ାଯାଇ ପାରିବ ବୋଲି ରାଜୀବ ଗାନ୍ଧୀଙ୍କର ପ୍ରୟାସ ରହିଥିଲା। ଏହି ପ୍ରୟାସକୁ ସାର୍ଥକ କରିବା ପାଇଁ ଆଜିର ଯୁବପିଢ଼ି ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାର ଆବଶ୍ୟକତା ରହିଛି ବୋଲି ତାଙ୍କର ବକ୍ତବ୍ୟରେ ଦର୍ଶାଇଥିଲେ। ମୁଖ୍ୟବକ୍ତା ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୂଳପତି ପ୍ରଫେସର କୁମରବର ଦାସ ଯୋଗ ଦେଇ ରାଜୀବ ଗାନ୍ଧୀଙ୍କ ଭଳି ବିକଶିତ ରାଷ୍ଟ୍ରର ସ୍ୱପ୍ନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଭାରତ ବର୍ଷକୁ ଆଗେଇ ନେବା ତାଙ୍କ ଉଦ୍ୟମକୁ ଆଜି ଯୁବପିଢ଼ି କାର୍ଯ୍ୟରେ ପରିଣତ କରିପାରିଲେ ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କ ୭୯ ତମ ଜନ୍ମ ଜୟନ୍ତୀର ପ୍ରକୃତ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ଦର୍ଶାଇଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ଯୁବକମାନେ ଚାହିଁଲେ ଭାରତ ବର୍ଷ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ ଏବଂ ଏହା ରାଜୀବ ଗାନ୍ଧୀଙ୍କ ସ୍ୱପ୍ନ ସାକାର କରିବାରେ ସହାୟକ ହେବ ବୋଲି କହିଥିଲେ। ଅନ୍ୟତମ ସମ୍ମାନୀୟ ଅତିଥି ପୂର୍ବତନ ସାଂସଦ ତଥା ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ଡଃ ରାମଚନ୍ଦ୍ର ଖୁଣ୍ଟିଆ ସ୍ୱଳ୍ପ ସମୟ ପାଇଁ କ୍ଷମତାରେ ରହି ମଧ୍ୟ ଭାରତ ବର୍ଷକୁ ଆଗେଇ ନେବାରେ ଭାରତରତ୍ନ ରାଜୀବ ଗାନ୍ଧୀ ଯେଉଁ ସ୍ୱପ୍ନ ଦେଖିଥିଲେ ଏବଂ ଭାରତବାସୀଙ୍କୁ ଯେଉଁଭଳି ଦିଗ୍‌ଦର୍ଶନ ଦେଇଥିଲେ ତାହା ଆଜି ମଧ୍ୟ ଅସଂପୂର୍ଣ୍ଣ ରହିଅଛି। ସେ ସବୁକୁ ପୁରଣ କରିବା ପାଇଁ ଆଜିର ଯୁବପିଢ଼ି ଆଗେଇ ଆସିବା ଉଚିତ୍ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଏହା ସହିତ ୧୮ ବର୍ଷରେ ମତଦାନର ଅଧିକାର ପାଇଁ ବିଲ୍‌ପାସ କରିବା ଯୋଗୁ ଯୁବକମାନେ ଦେଶ ଗଢ଼ିବାରେ ତାଙ୍କର ଭୂମିକା ଓ ଯୁବକମାନଙ୍କ ପ୍ରତି କିଭଳି ପ୍ରାଧାନ୍ୟ ଦେଉଥିଲେ ତାହା ସହଜରେ ଅନୁମେୟ। ଅନ୍ୟତମ ଅତିଥି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ରାଜୀବ ଗାନ୍ଧୀଥିଲେ ସ୍ୱଷ୍ଟବାଦି ଓ ଦୁର୍ନୀତି ଦୂର କରିବା ପାଇଁ ତାଙ୍କ ଉଦ୍ୟମକୁ ଅସ୍ୱୀକାର କରାଯାଇପାରିବ ନାହିଁ। କେନ୍ଦ୍ର ଦେଉଥିବା ଅର୍ଥର ୮୫ ପ୍ରତିଶତ ଅର୍ଥର ବାଟମାରଣା ହେଉଥିବା କଥାକୁ ମଧ୍ୟ ସେ ସ୍ୱୀକାର କରିଥିଲେ। ଭାରତର ରୂପ ଓ ମୋଡ଼ ବଦଳାଇବାରେ ତାଙ୍କର ଉଦ୍ୟମ ପ୍ରଂଶସନୀୟ ବୋଲି କହିଥିଲେ। ଅନ୍ୟତମ ଅତିଥି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ବକ୍ତବ୍ୟରେ କହିଥିଲେ ଯେ ମୁକ୍ତ ବଜାର ଅର୍ଥନୀତି ବ୍ୟବସ୍ଥା ଠାରୁ ଆରମ୍ଭ କରି ସର୍ବଶିକ୍ଷା ଅଭିଯାନ, ନବୋଦୟ ବିଦ୍ୟାଳୟ ସ୍ଥାପନ ପର୍ଯ୍ୟନ୍ତ ସବୁ ତାଙ୍କ ଦ୍ୱାରା ସମ୍ଭବ ହୋଇପାରିଥିଲା ବୋଲି କହିଥିଲେ। ଅନ୍ୟତମ ଅତିଥି ବିଧାୟକ ସୁରେଶ କୁମାର ରାଉତରାୟ, ଦୈନିକ ଖବରକାଗଜର ପର୍ଯ୍ୟବେକ୍ଷକ ଓ ଦି କଳିଙ୍ଗ କ୍ରୋନିକିଲ୍‌ର ସମ୍ପାଦକ ଡଃ ପବିତ୍ର ମୋହନ ସାମନ୍ତରାୟ, ପୂର୍ବତନ ପ୍ରଶାସକ ସୁରେଶ ମନ୍ତ୍ରୀ ତଥା ଲୋକସେବକ ମଣ୍ଡଳର ସଭ୍ୟ ଯୋଗ ଦେଇ ରାଜୀବ ଗାନ୍ଧୀଙ୍କ ସ୍ମୃତିଚାରଣ କରିବା ସହ ସମସ୍ତ ଯୁବପିଢ଼ି ରାଜୀବ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ରାଜୀବ ଗାନ୍ଧୀ ଛାତ୍ର ଫୋରମ୍‌ର ସଭାପତି ତାଙ୍କ ବକ୍ତବ୍ୟରେ କହିଥିଲେ ଆଜିର ଉତ୍ସବରେ ସମ୍ମାନିତ ହେଉଥିବା ପ୍ରତିଭାମାନେ ଓ ଉପସ୍ଥିତ ଏନ୍.ଏସ୍.ଏସ୍., ଏନ୍.ସି.ସି., ଯୁଥ ରେଡ଼କ୍ରସ, ସ୍କାଉଟ ଗାଇଡ୍ ଛାତ୍ରମାନେ ତାଙ୍କ ଆଗାମୀ ଭବିଷ୍ୟତ ଜୀବନରେ ଦେଶ, ସମାଜ ଓ ମାତୃଭୂମି ପାଇଁ ସେବା ମନବୃତ୍ତି ଆପଣେଇବା ଦ୍ୱାରା ଦେଶାତ୍ମକବୋଧକ ଚିନ୍ତାଧାରା ଉଜାଗର ହୋଇପାରିବ ଏବଂ ଏହା ରାଜୀବ ଗାନ୍ଧୀଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳୀ ହେବ। ଫୋରମ୍‌ର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦ୍ମାକର ଗୁରୁ ସ୍ୱାଗତ ଭାଷଣ ଦେଇଥିବାବେଳେ ସଭାଶେଷରେ ଉପସଭାପତି କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ସିଭିଲ୍ ସର୍ଭିସ୍ ଏକ୍‌ଜାମିନେସନ ମେଧାବୀଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର, କ୍ୟାପିଟାଲ ରକ୍ତଭଣ୍ଡାରର ନିର୍ଦ୍ଦେଶକ ଡଃ ଦେବାଶିଷ ମିଶ୍ର, ଅରୁଣ କୁମାର ସ୍ୱର୍ଣ୍ଣକାର, ସଞ୍ଜୟ ସାହୁଙ୍କୁ ରାଜୀବ ଗାନ୍ଧୀ ସେବା ସମ୍ମାନ,ଶିକ୍ଷାବିତ୍ ଡଃ ସୀମର କୁମାର ପାଣିଗ୍ରାହିଙ୍କୁ ଶିକ୍ଷା ସମ୍ମାନ, ଏନ୍.ସି.ସି. (ଏ.ଏନ୍.ଓ.), ସ୍କାଉଟ୍ ଗାଇଡ୍, ଏନ୍.ଏସ୍.ଏସ୍. ପୋଗ୍ରାମ କୋଅଡ଼ିନେଟର, ଯୁଥ୍ ରେଡ଼କ୍ରସ ଓ କାଉନ୍‌ସିଲର ମାନଙ୍କୁ ଚଳିତବର୍ଷର ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ ୨୦୨୩ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫୋରମ୍‌ର କର୍ମକର୍ତ୍ତା ପ୍ରିୟବ୍ରତ ନାୟକ, ଭବାନୀ ଶଙ୍କର ଜେନା, ସାଗର ରଞ୍ଜନ ପରିଡ଼ା, ମିର୍ ଅବୁବେକର ସିଦ୍ଦିକ୍, ପ୍ରକାଶ ଚନ୍ଦ୍ର ନାୟକ, ବାଦଲ ପ୍ରଦାନ, ଅନୀଲ ଛୁଆଳସିଂ, ଅନୀଲ ମହାନ୍ତି, ପ୍ରଦୀପ ସାହୁ ଓ ଦେବେନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ପରିଚାଳନ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ସଭା କହି ପିଲାଙ୍କୁ ଆଣିଲେ: ବର୍ଷାରେ ଭିଜିଲେ, ଅସନ୍ତୋଷ ଝାଡିଲେ, ସଚ୍ଚିବଙ୍କ ଭାଷଣ ଶୁଣି ଫେରିଲେ



ଖୋର୍ଦ୍ଧା,୨୧।୮(ପି.ଏନ): ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଯୁକ୍ତ ଦୁଇ ଓ ଯୁକ୍ତ ତିନି କଲେଜର ଛାତ୍ରଛାତ୍ରୀମାନଙ୍କୁ ଆଜି ଭୁବନେଶ୍ୱରର ଜନତା ମଇଦାନଠାରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚ୍ଚିବ ତଥା ଫାଇଭ-ଟି ସଚ୍ଚିବ ଭିକେ ପାଣ୍ଡିଆନ ଭେଟିଛନ୍ତି । ତେବେ ଜିଲ୍ଲାତମାମ ସମସ୍ତ କଲେଜର ଛାତ୍ରଛାତ୍ରୀମାନଙ୍କୁ ବସରେ ଆଣିବା ଓ ସଭାସ୍ଥଳରେ ସ୍ଥାନାଭାବରୁ ପିଲାମାନେ ବର୍ଷାରେ ଭିଜି ନିଜର ଅସନ୍ତୋଷ ବ୍ୟକ୍ତ କରିଥିବା ଦେଖିବାକୁ ମିଳିଛି । ଏପରିକି କିଛି କଲେଜ କର୍ତ୍ତୃପକ୍ଷ ମଧ୍ୟ ଆଜିର କାର୍ଯ୍ୟକ୍ରମ 'ମୁଖ୍ୟମନ୍ତ୍ରୀଙ୍କ ସହ ଭାବବିନିମୟ' ବୋଲି କହି ଛାତ୍ରଛାତ୍ରୀମାନଙ୍କୁ ଆଣିଥିବା ଜଣାପଡିଛି । ପ୍ରବଳ ବର୍ଷରେ ପିଲାମାନେ ଭିଜି ଭିଜି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ ମଧ୍ୟ ସେମାନଙ୍କ ସମସ୍ୟା ଶୁଣିବା କିମ୍ବା ତା'ର ସମାଧାନ ପାଇଁ କୌଣସି ସରକାରୀ ଅଫିସର ଆନ୍ତରିକତା ଦେଖାଇ ନଥିବା ଜଣାପଡିଛି । ଅନ୍ୟପକ୍ଷରେ ସନ୍ଧ୍ୟାରେ ଖୋର୍ଦ୍ଧା ଜିଲ୍ଲାର ୭୦ଟି ଯୁକ୍ତ ଦୁଇ ଓ ୩୮ଟି ଡିଗ୍ରୀ କଲେଜକୁ ଫାଇଭ-ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ ଦେଇଥିବା ଓ ଏଥିପାଇଁ ୬୬.୭୫କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।ମିଳିଥିବା ସୂଚନା ଅନୁସାରେ, ଖୋର୍ଦ୍ଧା ଜିଲ୍ଲାର ସମସ୍ତ କଲେକର ଛାତ୍ରଛାତ୍ରୀମାନଙ୍କୁ ଜନତା ମଇଦାନରେ ଆଜି ଅପରାହ୍ନ ପ୍ରାୟ ସା??୧୨ଟାରେ ଫାଇଭ-ଟି ସଚ୍ଚିବ ଶ୍ରୀ ପାଣ୍ଡିଆନ ଭେଟିଥିଲେ । ପ୍ରବଳ ବର୍ଷା ମଧ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ପିଲାମାନେ ବସରେ ଆସିଥିଲେ ମଧ୍ୟ ଜନତା ମଇଦାନରେ ଆବଶ୍ୟକ ପରିମାଣର ବସିବା ବ୍ୟବସ୍ଥା ନଥିବାରୁ ବହୁ ସଂଖ୍ୟାରେ ପିଲା ସେଠାରେ ବର୍ଷାରେ ଭିଜି ରହିବାକୁ ବାଧ୍ୟ ହୋଇଥିଲେ । ଏତେସଂଖ୍ୟକ ପିଲା ଆସିଥିଲେ ମଧ୍ୟ କାହିଁକି ସେଠାରେ ପର୍ଯ୍ୟାପ୍ତ ବ୍ୟବସ୍ଥା ହୋଇନଥିଲା ତାକୁ ନେଇ ପ୍ରଶ୍ନ ଉଠିଛି । ଗଣମାଧ୍ୟମ ସମ୍ମୁଖରେ କିଛି ପିଲା ଖୋଲାଖୋଲି ଭାବେ ନିଜର ଅସନ୍ତୋଷ ବ୍ୟକ୍ତ କରିବା ସହ ସେମାନଙ୍କୁ କାହିଁକି ବର୍ଷାରେ ଏଠାକୁ ଅଣାଯାଇଛି ବୋଲି ପ୍ରଶ୍ନ କରିଥିଲେ । ସେମାନେ ନା ଫାଇଭ-ଟି ସଚ୍ଚିବଙ୍କୁ ଭେଟିପାରିଲେ, ନା ନିଜ କଲେଜ ସମ୍ପର୍କରେ କିଛି କହିବାର ସୁଯୋଗ ପାଇଲେ ତା'ହେଲେ କାହିଁକି ଅଣାଗଲା ବୋଲି ପ୍ରଶ୍ନ କରିବା ସହ ଅବ୍ୟବସ୍ଥା ପାଇଁ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ । ହଳଦିଆ କଲେଜର ଜଣେ ଛାତ୍ରୀ ସଭାସ୍ଥଳରେ ବସିବାକୁ ନପାଇ ଖୋଲାଖୋଲି ଭାବେ ଫାଇଭ-ଟି ସଚ୍ଚିବଙ୍କ ନାଁ ନେଇ ନିଜର ଅସନ୍ତୋଷ ଝାଡିଥିଲେ । ଏପରିକି ତାଙ୍କ କଲେଜର ଦୁଇଜଣ ଛାତ୍ରୀ ଚେତାଶୂନ୍ୟ ହୋଇପଡିଥିବା କ୍ୟାମେରା ଆଗରେ କହିବାକୁ ପଛାଇ ନଥିଲେ ।

## ବୁଧବାର ଚନ୍ଦ୍ରରେ ଅବତରଣ କରିବ ଭାରତର ଚନ୍ଦ୍ରଯାନ-୩

ନୂଆଦିଲ୍ଲୀ, ୨୧।୮(ପି.ଏନ): ବୁଧବାର, ୨୩ ଅଗଷ୍ଟ ସନ୍ଧ୍ୟାରେ ଭାରତର ଚନ୍ଦ୍ରଯାନ-୩ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ । ଇସ୍ରୋ (ଭାରତୀୟ ମହାକାଶ ଗବେଷଣା ସଂଗଠନ)ର ଅଧ୍ୟକ୍ଷ ତଥା ମହାକାଶ ବିଭାଗ ସଚିବ ଡ. ଏସ୍ ସୋମନାଥ ଆଜି ନୂଆଦିଲ୍ଲୀରେ ପହଞ୍ଚି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କାର୍ମିକ, ସାଧାରଣ ଅଭିଯୋଗ, ପେନସନ ପ୍ରଶାସନ, ଆଣବିକ ଶକ୍ତି ଏବଂ ମହାକାଶ ରାଷ୍ଟ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହଙ୍କୁ ସାକ୍ଷାତ କରି ଚନ୍ଦ୍ରଯାନ-୩ର ସ୍ଥିତି ଏବଂ ପ୍ରସ୍ତୁତି ବିଷୟରେ ଅବଗତ କରାଇଛନ୍ତି ।ଇସ୍ରୋ ଅଧ୍ୟକ୍ଷ ଚନ୍ଦ୍ରଯାନ-୩ର ସ୍ଥିତି ଓ ଗତିବିଧି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇ କହିଛନ୍ତି ଯେ ସମସ୍ତ ପ୍ରଣାଳୀ ଠିକ୍ ଭାବେ କାର୍ଯ୍ୟ କରୁଛି ଏବଂ ବୁଧବାର କୌଣସି ଆକସ୍ମିକ ପରିସ୍ଥିତି ଦେଖାଦେବାର ସମ୍ଭାବନା ନାହିଁ। ଆଗାମୀ ଦୁଇ ଦିନ ମଧ୍ୟରେ ଚନ୍ଦ୍ରଯାନ-୩ର ସ୍ଥିତି ଉପରେ ଲଗାତାର ନଜର ରଖାଯିବ । ଦୁଇ ଦିନ ପୂର୍ବରୁ ଅବତରଣର ଚୂଡ଼ାନ୍ତ ସିକ୍ୱେନ୍ସ ଲୋଡ୍ କରି ପରୀକ୍ଷା କରାଯିବ ବୋଲି ସେ କହିଛନ୍ତି ।ଡକ୍ଟର ଜିତେନ୍ଦ୍ର ସିଂ ଏଥର ଚନ୍ଦ୍ରଯାନ-୩ ସଫ୍ଟ ଲ୍ୟାଣ୍ଡିଂ ଉପରେ ଆସ୍ଥା ପ୍ରକଟ କରିବା ସହ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଏହା ଗ୍ରହ ଅନୁସନ୍ଧାନର ଏକ ନୂତନ ଇତିହାସ ରଚିବ ବୋଲି ଆଶା ବ୍ୟକ୍ତ କରିଥିଲେ ।ଇସ୍ରୋ କହିଛି ଯେ ଚନ୍ଦ୍ରଯାନ-୩ ଅଗଷ୍ଟ ୨୩, ୨୦୨୩ ସନ୍ଧ୍ୟା ପ୍ରାୟ ୬ଟା ୦୪ ମିନିଟ୍ ରେ ଚନ୍ଦ୍ରରେ ଅବତରଣ କରିବ। ପୂର୍ବରୁ ହାର୍ଡ ଲ୍ୟାଣ୍ଡିଂ ପରେ ଲ୍ୟାଣ୍ଡର ସହ ଯୋଗାଯୋଗ ବିଚ୍ଛିନ୍ନ ହେବାରୁ ଚନ୍ଦ୍ରଯାନ-୨ ଅଭିଯାନ ଆଂଶିକ ଭାବେ ସଫଳ ହୋଇଥିଲା। ତେବେ ଏଥର ଇସ୍ରୋ ସଫଳତାର ସହ ଚନ୍ଦ୍ରଯାନ-୩ ଲ୍ୟାଣ୍ଡର ମଡ୍ୟୁଲ ଏବଂ ଚନ୍ଦ୍ରଯାନ-୨ ଅର୍ବିଟର ମଧ୍ୟରେ ଦ୍ୱିପାକ୍ଷିକ ଯୋଗାଯୋଗ ସ୍ଥାପନ କରିଛି। ଆଜି ଇସ୍ରୋ ଚନ୍ଦ୍ରଯାନ-୩ ଦ୍ୱାରା ଉତ୍ତୋଳିତ ଚନ୍ଦ୍ରର ଦୂର ଭାଗର ନୂଆ ଫଟୋ ସେୟାର କରିଛି। ଆମେରିକା, ରୁଷିଆ ଓ ଚୀନ୍ ପରେ ଭାରତ ବିଶ୍ୱର ଚତୁର୍ଥ ଦେଶ ଭାବେ ଏହି ସଫଳତା ହାସଲ କରିବ, କିନ୍ତୁ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବାରେ ଭାରତ ବିଶ୍ୱର ଏକମାତ୍ର ଦେଶ ହେବ ।ଚନ୍ଦ୍ରଯାନ-୩ ମିଶନର ତିନୋଟି ପ୍ରାଥମିକ ଉଦ୍ଦେଶ୍ୟ ରହିଛି (କ) ଚନ୍ଦ୍ର ପୃଷ୍ଠରେ ସୁରକ୍ଷିତ ଏବଂ ସଫ୍ଟ ଲ୍ୟାଣ୍ଡିଂ ପ୍ରଦର୍ଶନ କରିବା; (ଖ) ଚନ୍ଦ୍ରପୃଷ୍ଠରେ ରୋଭର ବା ବୁଲିବା ଯାନକୁ ସୁରକ୍ଷିତ ଭାବେ ରୋଭିଂ ବା ଘୂରିବୁଲିବା କାର୍ଯ୍ୟ ପ୍ରଦର୍ଶନ କରିବା ଏବଂ (ଗ) ବୈଜ୍ଞାନିକ ପରୀକ୍ଷଣ କରିବା । ଏହି ଅବସରରେ ଡ. ଜିତେନ୍ଦ୍ର ସିଂହ କହିଛନ୍ତି, ଭାରତର ଚନ୍ଦ୍ରଯାନ-୧ ମହାକାଶ ଯାନ ପ୍ରଥମ ଥର ପାଇଁ ଚନ୍ଦ୍ରପୃଷ୍ଠରେ ଜଳର ଉପସ୍ଥିତି ଆବିଷ୍କାର କରିବା ପାଇଁ କରିଥିଲା ଏବଂ ଏହା ବିଶ୍ୱ ପାଇଁ ଏକ ନୂଆ ଆବିଷ୍କାର ଥିଲା । ଆମେରିକାର ନାସା (ନ୍ୟାସନାଲ ଏରୋନୋଟିକ୍ସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେସନ) ଭଳି ପ୍ରମୁଖ ମହାକାଶ ଏଜେନ୍ସି ମଧ୍ୟ ଏହି ଆବିଷ୍କାରରେ ଆକର୍ଷିତ ହୋଇଥିଲେ ଏବଂ ପରବର୍ତ୍ତୀ ପରୀକ୍ଷଣ ପାଇଁ ଏହି ସୂଚନାକୁ ବ୍ୟବହାର କରିଥିଲେ ।ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଜିଏସଏଲଭି ମାର୍କ ୩ (ଏଲଭିଏମ ୩) ଜରିଆରେ ଗତ ଜୁଲାଇ ୧୪ ତାରିଖ ଅପରାହ୍ନ ୨ଟା ୩୫ ମିନିଟରେ ଚନ୍ଦ୍ରଯାନ-୩ ଅଭିଯାନ ଚନ୍ଦ୍ର ଆଡ଼କୁ ଉତକ୍ଷେପଣ କରାଯାଇଥିଲା।

### କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଅଷ୍ଟ୍ରେଲିଆ ସ୍ୱାସ୍ଥ୍ୟ ମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୧।୮(ପି.ଏନ): - କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଛନ୍ତି ଅଷ୍ଟ୍ରେଲିଆର ସ୍ୱାସ୍ଥ୍ୟ ମନ୍ତ୍ରୀ ମାର୍କ ବଟଲର୍ ଏମପି । ସୋମବାର ଦିନ ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅଷ୍ଟ୍ରେଲିଆର ସ୍ୱାସ୍ଥ୍ୟ ମନ୍ତ୍ରୀ ମାର୍କ ବଟଲର୍ ଏମପି ସାକ୍ଷାତ କରିଛନ୍ତି। ଏହି ଅବସରରେ ନର୍ସିଂ ଏବଂ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବା ସହ ଜଡ଼ିତ ପାଠ୍ୟକ୍ରମ ଓ ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ ଉପରେ ଆଲୋଚନା କରିଛନ୍ତି ।

### ଦୀର୍ଘ ୮ ବର୍ଷ ପରେ ପୂର୍ବତନ ବିଡିଓଙ୍କୁ ଗିରଫ କଲା ଭିଜିଲାନ୍ସ, ରହିବା ସ୍ଥାନ ବଦଳାଇ ଚକମା ଦେଉଥିଲେ

ଭୁବନେଶ୍ୱର, ୨୧।୮(ପି.ଏନ): ଦୀର୍ଘ ୮ ବର୍ଷ ଧରି ପୋଲିସ ସହ ଲୁଚକାଳି ଖେଳି ଚକମା ଦେଉଥିବା ପୂର୍ବତନ ବିଡିଓଙ୍କୁ ଶେଷରେ ଭିଜିଲାନ୍ସ ଧରିବାରେ ସଫଳ ହୋଇଛି । ତାଙ୍କ ନାଁରେ ୭ଟି ପ୍ରକଳ୍ପରେ ୩୪ ଲକ୍ଷ ଟଙ୍କା ହଡ଼ପ ମାମଲା ରହିଛି । ତାଙ୍କୁ ଭିଜିଲାନ୍ସ ଦିଲ୍ଲୀରୁ ଗିରଫ କରିବା ପରେ ପଟିଆଲା ହାଉସ କୋର୍ଟରେ ହାଜର କରାଯାଇଛି । ତାଙ୍କୁ ଟ୍ରାଂଜିଟ ରିମାଂଡରେ ଓଡିଶା ଅଣା ଯାଉଥିବା ନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି । ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ୨୦୧୫ ମସିହା ଠାରୁ କୋରାପୁଟ ନାରାୟଣ ପାଟଣାର ପୂର୍ବତନ ବିଡିଓ ରମେଶ ଚନ୍ଦ୍ର ସାହୁ ଫେରାର ଥିଲେ । ତାଙ୍କ ନାଁରେ ୭ଟି ପ୍ରକଳ୍ପରେ ୩୪ ଲକ୍ଷ ଟଙ୍କା ହଡ଼ପ ମାମଲା ରହିଛି। ଅଙ୍ଗନବାଡି କେନ୍ଦ୍ର, ରାସ୍ତା ନିର୍ମାଣ, ଡାଇଭରସନ ରାସ୍ତା ସହ ନରେଗା କାମରେ ଏହି ଠକେଇ ହୋଇଥିବା ଅଭିଯୋଗ ରହିଛି ।

### ଟାଟା ମୋଟର୍ସ ଚାକିରି ମାମଲା: ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ନାଁରେ ଚାର୍ଜଫ୍‌ରେମ



ଭୁବନେଶ୍ୱର,୨୧।୮(ପି.ଏନ): ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିରୁ ବହିଷ୍କୃତ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଅଡୁଆ ବଢ଼ିବାରେ ଲାଗିଛି। ବିଜେଡି ବିରୁଦ୍ଧରେ ଶ୍ରୀ ପାଣିଗ୍ରାହୀ ଅଧିକ ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରୁଥିବାବେଳେ ଭୁବନେଶ୍ୱରସ୍ଥିତ ଜେଏମଏଫସି କୋର୍ଟରେ ଟାଟା ମୋଟର୍ସ ନିଯୁକ୍ତି ଜାଲିଆତି ମାମଲାରେ ତାଙ୍କ ବିରୁଦ୍ଧରେ ଚାର୍ଜଫ୍‌ରେମ ହୋଇଛି। ସ୍ପେଶାଲ କୋର୍ଟ ଶ୍ରୀ ପାଣିଗ୍ରାହୀ, ତାଙ୍କ ସହଯୋଗୀ ସର୍ବେଶ୍ୱର ରାଓ ଓ ଆକାଶ ପାଠକ(ପୂର୍ବତନ ଆଇଏଫଏସ୍ ଅଭୟକାନ୍ତ ପାଠକଙ୍କ ପୁଅ) ନାଁରେ ଚାର୍ଜଫ୍‌ରେମ୍ କରିଛନ୍ତି ।

### କାଲିଠୁ କ୍ୟାପିଟାଲ ହସ୍ପିଟାଲରେ ଖୋଲିବ ସ୍ୱତନ୍ତ୍ର ଡେଙ୍ଗୁ ଟେଷ୍ଟିଂ ସେଂଟର

ଭୁବନେଶ୍ୱର, ୨୧।୮(ପି.ଏନ): ରାଜଧାନୀରେ ବଢି ଚାଲିଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା। ଡେଙ୍ଗୁ ପରୀକ୍ଷା କରିବା ପାଇଁ ଡାକ୍ତରଖାନାରେ ଭିଡ ଜମୁଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତାକାଲି ଠାରୁ ଭୁବନେଶ୍ୱରର କ୍ୟାପିଟାଲ ହସ୍‌ପିଟାଲରେ ସ୍ୱତନ୍ତ୍ର ଟେଷ୍ଟିଂ ସେଂଟର ଖୋଲିବ ବୋଲି କ୍ୟାପିଟାଲ୍ ହସ୍‌ପିଟାଲ୍ ନିର୍ଦ୍ଦେଶକ ଡାକ୍ତର ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆସନ୍ତାକାଲିଠାରୁ ଡେଙ୍ଗୁ ପରୀକ୍ଷା ପାଇଁ କ୍ୟାପିଟାଲ୍ ହସ୍‌ପିଟାଲ୍ ରେ ସ୍ୱତନ୍ତ୍ର ଟେଷ୍ଟିଂ ସେଂଟର ଖୋଲିବ। ଏଠାକୁ ଦୈନିକ ପ୍ରାୟ ୫୦୦ ଲୋକ ଡେଙ୍ଗୁ ଟେଷ୍ଟ କରାଇବା ପାଇଁ ଆସୁଛନ୍ତି। ଏହି ଭିଡ଼ କମାଇବା ପାଇଁ ସ୍ୱତନ୍ତ୍ର ଟେଷ୍ଟିଂ ସେଂଟର ଖୋଲିବାକୁ ନିଷ୍ପତି ହୋଇଛି ।ସେ କହିଛନ୍ତି, ଏବେ ପ୍ରତିଦିନ କ୍ୟାପିଟାଲ ହସ୍ପିଟାଲରେ ୬୦-୭୦ ଜଣ ପଜିଟିଭ ଚିହ୍ନଟ ହେଉଛନ୍ତି।

## ପାଣ୍ଡିଆନଙ୍କୁ କାଳିମାଡ: ଘଟଣାକୁ ନେଇ ନିରବ ରହିଲେ ବବିଙ୍କ ଗୋଷ୍ଠୀ, ନିନ୍ଦା ବି କଲେନି



ଭୁବନେଶ୍ୱର,୨୧।୮(ପି.ଏନ): ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚ୍ଚିବ ଭିକେ ପାଣ୍ଡିଆନଙ୍କୁ ପୁରୀ ଜିଲ୍ଲାର ସତ୍ୟବାଦୀ କଲେଜ ପଡିଆଠାରେ ଶହଶହ ପୁଲିସ,ବ୍ୟକ୍ତିଗତ ସୁରକ୍ଷାକର୍ମୀ ଓ ବରିଷ୍ଠ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ହଜାର ହଜାର ଲୋକଙ୍କ ସମ୍ମୁଖରେ ଜଣେ ବ୍ୟକ୍ତି କାଳିମାଡ କଲେ । ଏହି କାଳିମାଡ ଘଟଣାକୁ ବିରୋଧୀ ଦଳ ସମେତ ରାଜ୍ୟର ମନ୍ତ୍ରୀ, ସାଂସଦ ଓ ବିଧାୟକ,ଅଫିସର ସଂଘ ଓ ବିଭିନ୍ନ ବର୍ଗର ଲୋକେ ନିନ୍ଦା କଲେ । କିନ୍ତୁ ୪୮ଘଣ୍ଟା ପରେ ବି ଏହି ଘଟଣାରେ ବିଜେଡି ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସ(ବବି) ଓ ତାଙ୍କ ଗୋଷ୍ଠୀ ନିରବ ରହିଛନ୍ତି । ପାଣ୍ଡିଆନଙ୍କ ଗୁଡବୁକରେ ରହିବା ପାଇଁ ନବରଙ୍ଗପୁର ଜିଲ୍ଲାରେ ଗେଟକିପର(ଦ୍ୱାରପାଳ) ଭୂମିକା ତୁଲାଉଥିବା ବବି ଏତେବଡ ଘଟଣାରେ ନିରବ ରହିବା ଓ ତାଙ୍କର ଖାସ୍ ଅନୁଗତମାନେ ମଧ୍ୟ ମୁହଁ ନଖୋଲିବାକୁ ନେଇ ଏବେ ଦଳ ଭିତରେ ନୂଆ ଚର୍ଚ୍ଚା ଚାଲିଛି । ବିଜେଡିର କ୍ଷମତା ଦଖଲ ପାଇଁ ଆରମ୍ଭ ହୋଇଥିବା ଶୀତଳଯୁଦ୍ଧ ଓ ଛକାପଞ୍ଝାର ଏହା ପରିଣତି ବୋଲି ଚର୍ଚ୍ଚା ହେଉଛି ।ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚ୍ଚିବ ଭିକେ ପାଣ୍ଡିଆନ ସତ୍ୟବାଦୀ କଲେଜ ପଡିଆରେ ଏକ ସଭାସ୍ଥଳକୁ ଯିବାବେଳେ ତାଙ୍କ ଉପରେ କଣାସ ଅଂଚଳର ଭାସ୍କର ସାହୁ ନାମକ ଜଣେ ବ୍ୟକ୍ତି କାଳି ଫିଙ୍ଗିବାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଥିଲା । ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ ହେଉ ଅବା ନିଜ ସୋସିଆଲ ମିଡିଆ ଆକାଉଣ୍ଟ ମାଧ୍ୟମରେ ବିରୋଧୀ ଦଳ ଓ ବିଜେଡିର ବରିଷ୍ଠ ନେତା,ମନ୍ତ୍ରୀ, ସାଂସଦମାନେ ଘଟଣାକୁ ନିନ୍ଦା କଲେ । ଓଏଏସ୍ ଅଫିସର ସଂଘଠୁ ଆରମ୍ଭ କରି ବିଭିନ୍ନ କର୍ମଚାରୀ ସଂଘ ମଧ୍ୟ ଏହାର ବିରୋଧ କଲେ । ମାତ୍ର ଯେଉଁ ପାଣ୍ଡିଆନଙ୍କ ଯୋଗୁ ଯାଜପୁରର ବିଧାୟକ ପ୍ରଣବପ୍ରକାଶ ବହୁ ପୁରୁଖା ନେତାମାନଙ୍କୁ ପଛରେ ପକାଇ ବିଜେଡି ସଂଗଠନରେ ଏବେ ନିଜକୁ ଦ୍ୱିତୀୟ ସର୍ବ ?ସର୍ବା ବୋଲି ବିବେଚନା କରୁଛନ୍ତି, ସେ କିଭଳି ଏହି କାଳିମାଡ ଘଟଣାରେ ନିରବ ରହିଲେ ତାହା ବିଜେଡି ନେତାମାନଙ୍କୁ ଆଶ୍ଚର୍ଯ୍ୟ କରିଛି । ଯଦିଓ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ପୂର୍ବରୁ ସମସ୍ତ ପ୍ରକାରର ପ୍ରସ୍ତୁତିର ତଦାରଖ ପାଇଁ ନିଜେ ବବି ଯାଇଥାନ୍ତି । ଜିଲ୍ଲାର ବିଜେଡି ନେତା,ବିଧାୟକ ଓ ସାଂସଦଙ୍କ ସମେତ ଜିଲ୍ଲା ପ୍ରଶାସନ ସହ ବୈଠକ କରି ପାଣ୍ଡିଆନଙ୍କ କାର୍ଯ୍ୟକ୍ରମ ଯେଭଳି ସଫଳ ହେବ ତା'ର ଚୂଡାନ୍ତ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି । ତଥାପି ସତ୍ୟବାଦୀରେ ପାଣ୍ଡିଆନଙ୍କୁ କାଳିମାଡ ହେବା ଘଟଣାରେ ବବି କିଭଳି ମୁହଁ ଖୋଲିଲେ ନାହିଁ ତାହା ଏବେ ଦଳୀୟ ମହଲରେ ଚର୍ଚ୍ଚାର ବିଷୟ । ଯଦିଓ ବିଭିନ୍ନ ପ୍ରସଙ୍ଗରେ ନିଜ ସୋସିଆଲ ମିଡିଆରେ ବବି ନିଜର ପ୍ରତିକ୍ରିୟା ରଖିବାକୁ ପଛାନ୍ତି ନାହିଁ । କେବଳ ବବି ନୁହଁନ୍ତି ତାଙ୍କର ଖାସ୍ ଅନୁଗତ ଭାବେ ପରିଚିତ ବିଧାୟକ ସୁଶାନ୍ତ ସିଂ, ପ୍ରଣବ ବଳବନ୍ତରାୟ, ଦିବ୍ୟଶଙ୍କର ମିଶ୍ର, ବ୍ୟୋମକେଶ ରାୟ ଓ ସଞ୍ଜିବ ମଲ୍ଲିକ ପ୍ରମୁଖ ପାଣ୍ଡିଆନଙ୍କୁ କାଳିମାଡ ଘଟଣାରେ ନିରବ ରହିଛନ୍ତି । ଏହି ସମସ୍ତ ବିଧାୟକ ଏକକାଳୀନ ନିରବ ରହିବା ପରୋକ୍ଷରେ ଦଳରେ ଦୀର୍ଘଦିନ ଧରି ଚାଲିଥିବା ନୂଆ ଚର୍ଚ୍ଚାକୁ ଅଧିକ ବଳ ଯୋଗାଇଛି । ଚର୍ଚ୍ଚା ହେଉଛି, ଶ୍ରୀ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମରେ ବବି ଖୁସି ନାହାନ୍ତି । ନବୀନ ପଟ୍ଟନାୟକଙ୍କ ଉତ୍ତରାଧିକାରୀ ଭାବେ ବବି ନିଜେ ଜିଲ୍ଲାତମାମ ବୁଲିବାକୁ ଚାହୁଁଥିଲେ । କିନ୍ତୁ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ଯୋଗୁ ତାଙ୍କର ଏହି ସ୍ୱପ୍ନ ଧୂଳିସାତ୍ ହୋଇଯାଇଛି । ସେ କେବଳ ଜଣେ ପ୍ରତିନିଧି ହୋଇ ରହିଯାଇଛନ୍ତି ଯିଏକି ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ପୂର୍ବରୁ ଆବଶ୍ୟକ ପ୍ରସ୍ତୁତିର ତଦାରଖ କରିବେ ଓ ସ୍ଥାନୀୟ ବିଜେଡି ନେତାମାନଙ୍କୁ ଲଜିଷ୍ଟିକ୍ ସପ ?ଟ୍ ମଧ୍ୟ ଦେବେ । ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଉଭୟ ପ୍ରଶାସନ ଓ ସ୍ଥାନୀୟ ବିଜେଡି ନେତା-ମନ୍ତ୍ରୀ ଦିନରାତି ଏକ କରି ଦେଉଥିବାରୁ ବବିଙ୍କ ବିଶେଷ ଗୁରୁତ୍ୱ ରହୁନି । ତା'ଛଡା ବିଜେଡି ନେତାମାନେ ଏବେ ସିଧାସଳଖ ପାଣ୍ଡିଆନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି ସେମାନଙ୍କ ଅଂଚଳରେ ଉଭୟ ସଂଗଠନ ଓ ପ୍ରଶାସନିକ ସମସ୍ୟାର ସମାଧାନ ମଧ୍ୟ ପାଇ ପାରୁଛନ୍ତି । ତେଣୁ ସଂଗଠନରେ ଧୀରେଧୀରେ ନିଜର ପ୍ରଭାବ ହ୍ରାସ ପାଇବାକୁ ବବି ସହଜରେ ହଜମ କରିପାରୁନାହାନ୍ତି ବୋଲି ଦଳରେ ଚର୍ଚ୍ଚା ।

### ୮୩୭କୋଟି ଟଙ୍କାର ୯ଟି ପ୍ରକଳ୍ପକୁ ସିଙ୍ଗଲଓ୍ୱିଣ୍ଡୋ ମଞ୍ଜୁରୀ, ଚିକିଟିରେ ହେବ ରିସୋର୍ଟ

ଭୁବନେଶ୍ୱର,୨୧।୮(ପି.ଏନ): ରାଜ୍ୟର ୮ଟି ଜିଲ୍ଲାରେ ମୋଟ ୮୩୭.୫୭କୋଟି ଟଙ୍କାର ୯ଟି ଶିଳ୍ପ ପ୍ରକଳ୍ପକୁ ଆଜି ରାଜ୍ୟସ୍ତରୀୟ ସିଙ୍ଗଲଓ୍ୱିଣ୍ଡୋ ମଞ୍ଜୁରୀ ମିଳିଛି । ଏହି ପ୍ରକଳ୍ପଗୁଡିକ ଖୋର୍ଦ୍ଧା, ସୁନ୍ଦରଗଡ, ଜଗତସିଂହପୁର, ଗଞ୍ଜାମ, ନବରଙ୍ଗପୁର, ଯାଜପୁର, ଦେବଗଡ ଓ ଝାରସୁଗୁଡା ଜିଲ୍ଲାରେ ସ୍ଥାପନ ହେବ ଓ ପ୍ରାୟ ୨୫୦୦ଲୋକଙ୍କୁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ରାଜ୍ୟ ଅର୍ଥନୀତିକୁ ପ୍ରୋତ୍ସାହନ ମିଳିବ ବୋଲି ଜଣାପଡିଛି ।ଆଜି ମୁଖ୍ୟ ସଚ୍ଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲଓ୍ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକରେ ଯେଉଁସବୁ ପ୍ରକଳ୍ପଗୁଡିକୁ ସିଙ୍ଗଲଓ୍ୱିଣ୍ଡୋ ମଞ୍ଜୁରୀ ମିଳିଛି ସେଥିରେ ଦେବଗଡ ଜିଲ୍ଲାରେ ୮୫କୋଟି ଟଙ୍କା ବ୍ୟୟରେ ପେଟ୍ରୋନେଟ୍ ଏଲଏନଜି ଲିଃ କମ୍ପାନୀ ଦ୍ୱାରା ବାୟୋଗ୍ୟାସ ଓ ଅର୍ଗାନିକ ପ୍ଲାଣ୍ଟରୁ ବାର୍ଷିକ ୩୩୦୬୫ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ କେମିକାଲ ଉତ୍ପାଦନ ଓ ଅକ୍ଷୟ ଶକ୍ତି ଉତ୍ପାଦନ ହେବ । ପ୍ରାୟ ୫୩ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ ।ପାରାଦୀପ ପ୍ଲାଷ୍ଟିକ ପାର୍କରେ ୧୦୦.୭୪କୋଟି ଟଙ୍କା ବ୍ୟୟରେ ପର୍ଲ ପ୍ରେସିସନ୍ ପ୍ରଡକ୍ଟ ପ୍ରାଃ ଲିଃ ଦ୍ୱାରା ପ୍ଲାଷ୍ଟିକ ଉତ୍ପାଦ ପ୍ରସ୍ତୁତ ହେବ । ଏଥିରେ ୭୦୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । ସେହିପରି ଖୋର୍ଦ୍ଧାରେ ଇଣ୍ଡୋପେଟ୍ ପଲିପ୍ଲାଷ୍ଟ ପ୍ରାଃ ଲିଃ ଦ୍ୱାରା ୮୦କୋଟି ଟଙ୍କା ବ୍ୟୟରେ ପ୍ଲାଷ୍ଟିକ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ଏଥିରେ ୧୫୦ଜଣଙ୍କୁ ନିଯୁକ୍ତି ମିଳିବ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୧ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

-ପ୍ରକାଶକ








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିଷ୍ଣୁ ଇଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଣ୍ଟ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡ। ଏହି ଉଦେଣ୍ଟ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଢ଼ମ ଘାସ। କାର ନିର୍ମାତାମାନେ ସେହି ସିଢ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ରାଜ୍ୟରେ ତିନି ହଜାର କିଲୋମିଟର ରାସ୍ତାର ହେବ ସାଇନେଜ ଅଡ଼ିଟ



ଓଡ଼ିଶା ସରକାରଙ୍କ ସଡ଼କ ଓ ପରିବହନ ବିଭାଗ ଏକ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି। ଯାହାର ବଡ଼ ସୁଫଳ ଗାଡ଼ି ଚାଳକମାନେ ପାଇବେ ଏବଂ ସଡ଼କ ଦୁର୍ଘଟଣାରୁ ମଧ୍ୟ ସେମାନେ ମୁକ୍ତି ପାଇପାରିବେ। ରାଜପଥରେ ସାଇନେଜ ନଥିଲେ ଏହା ସଡ଼କ ବ୍ୟବହାରକାରୀଙ୍କୁ ଦ୍ୱନ୍ଦ୍ୱରେ ପକାଉଛି। ଏହାଦ୍ୱାରା ଦୁର୍ଘଟଣା ବୃଦ୍ଧି ପାଉଥିବା ଜଣା ପଡ଼ିଛି। ରାଜ୍ୟ ସଡ଼କ ପରିବହନ ବିଭାଗର ଏକ ପାଇଲଟ ପ୍ରୋଜେକ୍ଟ ଜରିଆରେ ୫୦ କିମି ରାସ୍ତାର ସାଇନେଜ ଅଡିଟ ପରେ ଏହା ସ୍ପଷ୍ଟ ହୋଇଛି। ଏକଥା ଜଣା ପଡ଼ିବା ପରେ ରାଜ୍ୟ ସଡ଼କ ପରିବହନ ବିଭାଗ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩ ହଜାର କିଲୋମିଟର ରାଜପଥର ସାଇନେଜ ଅଡିଟ କରାଯିବ। ଅର୍ଥାତ ରାସ୍ତାର ସବୁ ସ୍ଥାନରେ ସାଇନେଜ ଲାଗିବ। ଓଡ଼ିଶାରେ ୧୦୦ ପ୍ରତିଶତ ରାସ୍ତାକୁ ସଙ୍କେତ ଅନୁକୂଳ କରିବା ପାଇଁ ପରିହବନ ବିଭାଗ ପ୍ରଥମ ପର୍ଯ୍ୟାୟରେ ୩ ହଜାର କିଲୋମିଟର ରାସ୍ତା ପାଇଁ ସଡ଼କ ଚିହ୍ନ ଓ ମାର୍କିଂରେ ଅଡ଼ିଟ କରିବା ପାଇଁ ପଦକ୍ଷେପ ନେଉଥିବା ନେଇ ରାଜ୍ୟ ସଡ଼କ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

ରାସ୍ତାରେ ମାନବୀୟ ତ୍ରୁଟି ଯୋଗୁଁ ଦୁର୍ଘଟଣା ଘଟୁଛି। ଠିକ ସାଇନେଜ ନ ଥିବାରୁ ଏହା ଦୁର୍ଘଟଣାର କାରଣ ହୋଇଛି। ଓଡ଼ିଶାରେ ୧୦୦ ପ୍ରତିଶତ ସଡ଼କ ସଙ୍କେତ ଅନୁକୂଳ କରିବା ପାଇଁ ପରିବହନ ବିଭାଗ ରାଜ୍ୟରେ ସଡ଼କ ସଙ୍କେତ ଅଡିଟ ଭଳି ଏକ ନିଆରା ପଦକ୍ଷେପ ହାତକୁ ନେଇଛି। ଉପଯୁକ୍ତ ସଡ଼କ ଚିହ୍ନ, ଟ୍ରାଫିକ ସଙ୍କେ ସରଳୀକରଣ, ସଡ଼କ ଇଂଜିନିୟରିଂ ବ୍ୟବସ୍ଥାରେ ସୁଧାର ଆଣି ସଡ଼କ ଦୁର୍ଘଟଣା ମାତ୍ରାକୁ କମ କରିବାକୁ ପଦକ୍ଷେପ ନିଆଯାଉଛି। ତ୍ରୁଟିପୂର୍ଣ୍ଣ ସାଇନେଜ ଓ ସିଗନାଲ ଗୁଡ଼ିକ ବହୁ ସମୟ ଟ୍ରାଫିକ ଜାମ ଓ ସଡ଼କ ଦୁର୍ଘଟଣାର କାରଣ ହୋଇଛି। ବିଶେଷଜ୍ଞଙ୍କ ସାହାଯ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ୫୦ କିଲୋମିଟର ରାସ୍ତା, ଦେଓକର୍ଣ୍ଣପୁରରୁ କେସଇବାହାଲ ପର୍ଯ୍ୟନ୍ତ ରାଜ୍ୟ ରାଜପଥ ନଂ ୧୦ (ବିଜୁ ଏକ୍ସପ୍ରେସ)ରେ ମାର୍କିଂର ପରୀକ୍ଷାମୂଳକ ଅଡିଟ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଥିଲା କି ସଡ଼କ ବ୍ୟବହାରକାରୀଙ୍କ ପାଇଁ ସାଇନେଜର ଆବ୍ୟକତା ରହିଛି। ସଙ୍କେତ ନଥିବା ଛକ ଚାଳକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଯାହା ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ହେଉଛି। ନମୁନା ଅଡିଟର ଅନୁସନ୍ଧାନ ଓ ସୁପାରିସ ଅନୁଯାୟୀ ରାଜପଥ ପ୍ରସାରଣରେ ସଂଶୋଧନ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟକ୍ରମରେ ସଂପୃକ୍ତ ଅଧିକାରୀମାନେ ତ୍ରୁଟିପୂର୍ଣ୍ଣ ସ୍ଥାନରେ ଠିକ ରୋଡ଼ ସାଇନେଜ ଲଗାଇବେ ଓ ନଷ୍ଟ ହୋଇଯାଇଥିବା ସାଇନେଜ ଗୁଡ଼ିକର ମରାମତି କରିବେ। ଆବଶ୍ୟକସ୍ଥଳେ ସେମାନେ ନୂତନ ରୋଡ଼ ସାଇନେଜ ସ୍ଥାପନ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସବୁ କ୍ଷେତ୍ରରେ ପ୍ରଶାସନ ଠାରୁ ଆମ ସମସ୍ତଙ୍କର ସଚେତନତା ଓ ଗୁରୁଦାୟିତ୍ୱ ରହିଛି ଏହାକୁ ମନେ ରଖିବା ଜରୁରୀ।

**ନାଟ୍ୟସାରଥି ଅଭୟ କୁମାର ଦାସ, ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭**

## ବାଇକ ଦୁର୍ଘଟଣାରେ ନାବାଳକ ସମେତ ୨ ଆହତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ନେଉଳପୁର ନିକଟରେ ଶୁକ୍ରବାର ସକାଳେ ଏକ ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ସମେତ ଜଣେ ନାବାଳକ ଆହତ ହୋଇଥିବା ଜଣାପଡିଛି। ସୂଚନା ମୁତାବକ ଯାଜପୁର ଅଂଚଳର ଦୀଲିପ ବାରିକ (୪୨) ନିଜ ଭଉଣୀ ଓ ଭଣଜା ବାଦଲ ପୃଷ୍ଟି (୬)ଙ୍କୁ ବାଇକରେ ବସାଇ କଟକ ଅଭିମୁଖେ ଯାଉଥିବା ବେଳେ ନେଉଳପୁର ନିକଟରେ ବାଇକ ଆଗକୁ କୁକୁର ପସି ଆସିବାରୁ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ଫଳରେ ଦୀଲିପଙ୍କ ଗୋଡ ଭାଙ୍ଗିଯାଇଥିଲା ବେଳେ ବାଦଲ ଆହତ ହୋଇଥିଲା। ଖବର ପାଇ ଚଣ୍ଡିଖୋଲ ଦମକଳ ବାହୀନୀ ଆହତମାନଙ୍କୁ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟ ମାମୁ ଭଣଜାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।

## ମଲ୍ଲିପଦରରେ ମୋତିଆ ବିନ୍ଦୁ ଚିହ୍ନଟ ଶିବିର

ଖୋର୍ଦ୍ଧା (ପିଏନ)-ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ପଂଚାୟତ ମଲ୍ଲିପଦର ଗ୍ରାମର ନୂଆ ପାରିଜାତ କ୍ଲବ ପରିସରରେ ରାଷ୍ଟ୍ର ଶକ୍ତି ମିଶନ ଓ ଆମ ଗାଁ ମହୋତ୍ସବ କମିଟି ପକ୍ଷରୁ ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା। ଏ ନେଇ ବିଜେଡି ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମ ଗାଁ ମହୋତ୍ସବ କମିଟିର ଉପଦେଷ୍ଟା ସୁବାସ ମହାନ୍ତି, ସଭାପତି ବିଦ୍ୟାଧର ମହାରଣା, ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ଓ କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଚକ୍ଷୁରୋଗର ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଏଥିରେ ଭୁବନେଶ୍ୱରର ସେଂଟର ଫର ସାଇଟ ଚକ୍ଷୁ ଚିକିତ୍ସାଳୟର କର୍ମଚାରୀ ସୁଧାଂଶୁ ଶେଖର ମହାପାତ୍ର, ମାନସ ସିଂହ ଓ ଦିପ୍ତୀରଂଜନ ପଣ୍ଡା ଯୋଗଦେଇ ମୋଟ ୫୬ ଜଣଙ୍କୁ ପରୀକ୍ଷା କରାଯାଇଥିଲା। ସେଥିରୁ ୧୮ ଜଣ ମୋତିଆ ବିନ୍ଦୁ ରୋଗୀ ଚିହ୍ନଟ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ଯୋଗେଶ୍ୱର ପଣ୍ଡା ପରିଚାଳନା କରିଥିବାବେଳେ ମାଗୁଣୀ ସାମନ୍ତରାୟ, ରବୀନ୍ଦ୍ର କୁମାର ବାରିକ, ପ୍ରେମାନନ୍ଦ ମହାପାତ୍ର, ପ୍ରେମାନନ୍ଦ ସେଠୀ, ଚକ୍ରଧର ମହାରଣା, ବିକ୍ରମାଦିତ୍ୟ ପଣ୍ଡା ଓ ରଂଜନ କୁମାର ଦାଶ ସହଯୋଗ କରିଥିଲେ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୫ତମ ଜନ୍ମୋତ୍ସବ

ଧର୍ମଶାଳା (ପିଏନ୍): ଧର୍ମଶାଳା ସତସଙ୍ଗ କେନ୍ଦ୍ର ପକ୍ଷରୁ ଜାରକାଠାରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୫ତମ ଜନ୍ମ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିବସ ବ୍ୟାପି ବହୁ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ସତସଙ୍ଗ କେନ୍ଦ୍ରର ସଭାପତି ପ୍ରାଧ୍ୟାପକ ରାମଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ତହସିଲଦାର ସ୍ୱାଗତ ଦାସ, ଅତିଥି ଭାବେ ଚଣ୍ଡିଖୋଲ ଆଂଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର ଓ ଜିଲ୍ଲାପରିଷଦ ସଭ୍ୟ ଜଳଧର ମହାନ୍ତି ଯୋଗଦେଇ ଠାକୁର ଅନୁକୁଳଚନ୍ଦ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜଳବାୟୁ ପରିବର୍ତନ ସମୟରେ ବୃକ୍ଷର ଆବଶ୍ୟକତା ଉପଲବ୍ଧି କରି ଅତିଥିମାନେ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଦୁର୍ଯ୍ୟୋଧନ ମହାନ୍ତି, ରମେଶ ଚନ୍ଦ୍ର ଜେନା, କୁଳମଣି ସାମଲ, ଅଜୟ କୁମାର ନାଥ, ନିଗମ ମହାନା, ସନ୍ତୋଷ ଦାସ ଓ ଦେବେନ୍ଦ୍ର ଜେନା ପ୍ରମୁଖ ଗୁରୁଭାଇମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ନାରାୟଣ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେଶରେ କୃଷିର ସାମଗ୍ରିକ ସ୍ଥିତି !

ଭୁବନେଶ୍ୱର (ପିଏନ୍): ଭାରତୀୟ କୃଷିର ସାମଗ୍ରିକ ସ୍ଥିତି ସନ୍ତୋଷଜନକ ନୁହେଁ। ସେଥିରେ ଓଡ଼ିଶା ଭଳି ଅନଗ୍ରସର ରାଜ୍ୟରେ ଯେ ଚାଷବାସର ହାଲତ ଭଲ ରହିବ ତାହା ଭାବିବା ଠିକ୍ ନୁହେଁ। ଦୀର୍ଘକାଳଧରି ଓଡ଼ିଶାର କୃଷି କ୍ଷେତ୍ର ଅବହେଳିତ ହୋଇରହିବା ପରେ ଗତ ୪/୫ ବର୍ଷ ଧରି ରାଜ୍ୟ ସରକାର ଏ କ୍ଷେତ୍ର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ଚାଷବାସ ପାଇଁ ଅଧିକ ପୁଞ୍ଜିନିବେଶ, ସ୍ୱତନ୍ତ୍ର ନୀତି ପ୍ରଣୟନ ଓ ଯୋଜନା ଆଦି ହାତକୁ ନିଆଯାଇଛି। ସେଥିମଧ୍ୟରୁ ସ୍ୱତନ୍ତ୍ର କୃଷି ବଜେଟ ଅନ୍ୟତମ। ଏହି କ୍ଷେତ୍ରର ଦକ୍ଷତାର ପୂର୍ଣ୍ଣ ଉପଯୋଗ କରିବାପାଇଁ ଯେଉଁ ଉଦ୍ୟମ ହେଉଛି ତାହା ତତ୍କାଳ ବା କମ୍ ସମୟରେ ଫଳ ଦେବାର ସମ୍ଭାବନା କ୍ଷୀଣ। ଏହା ଜାଣି ମଧ୍ୟ ରାଜ୍ୟ ସରକାର କୃଷିକ୍ଷେତ୍ରର ଉପଲବ୍ଧି ନେଇ ମଝିରେ ମଝିରେ ଯେଉଁସବୁ ଦାବି କରୁଛନ୍ତି ତାହା ହାସ୍ୟାସ୍ପଦ ଲାଗେ। ଏଭଳି ଆକାଶରୁ ତୋଳିଆଣିବା ଭଳି ସଫଳତା ପଛରେ ପରିସଂଖ୍ୟାନର ପ୍ରହେଳୀ ସହିତ ରାଜନୈତିକ କାରଣ ଅଧିକ। ସଫଳତାର ଶ୍ରେୟ ନେବାକୁ ସରକାରଙ୍କୁ କେହି ମନାକରୁନାହାନ୍ତି; କିନ୍ତୁ ଉଦ୍ୟମର ଗଛ ଭୂଇଁରୁ ଉଠିବା ପୂର୍ବରୁ ତା'ର ଫଳକୁ ନେଇ ଦାବି ଜଣାଇବା ସର୍ବଦା ହାସ୍ୟାସ୍ପଦ। ଜାତୀୟ କୃଷି କର୍ମଣ ପୁରସ୍କାର ସେଥିମଧ୍ୟରୁ ଗୋଟିଏ। ଏହା ଜାତୀୟ ସ୍ତରରେ ବିଭିନ୍ନ ଶ୍ରେଣୀର ରାଜ୍ୟମାନଙ୍କୁ ଭିନ୍ନଭିନ୍ନ ବର୍ଗରେ ମିଳିଥାଏ। ଓଡ଼ିଶା ଯେଉଁ ବର୍ଗରେ ଅଛି ସେଥିରେ ଧାନ ଉତ୍ପାଦନ କ୍ଷେତ୍ରରେ ଦ୍ୱିତୀୟ ବର୍ଗର ରାଜ୍ୟମାନେ ରହିଛନ୍ତି। ବିଗିଡ଼ିଯାଇଥିବା ଉତ୍ପାଦନ ଧାରାକୁ ବ୍ୟବସ୍ଥିତ କରି ଅମଳ ବଢ଼ାଇବାପାଇଁ ଏହି ପୁରସ୍କାର ଦିଆଯାଇଥାଏ। ସେଥିପାଇଁ ସେହି ବର୍ଗର ରାଜ୍ୟମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥାଏ। ଏହା ଜାତୀୟ ସ୍ତରରେ ପ୍ରଦାନ କରାଯାଉଥିଲେ ମଧ୍ୟ ସର୍ବଭାରତୀୟ ସ୍ତରରେ ଏକକ ଶ୍ରେଷ୍ଠ ପ୍ରଦର୍ଶନର ସଫଳତା ନୁହେଁ। ତେଣୁ ଏହି ସଫଳତାରେ ଆତ୍ମହରା ନ ହୋଇ ବରଂ ପ୍ରଥମ ବର୍ଗରେ ଥିବା ରାଜ୍ୟମାନଙ୍କ ସହ ପ୍ରତିଯୋଗିତା କରିବାକୁ ପ୍ରୟାସ ଆରମ୍ଭ ହେବା ଆବଶ୍ୟକ। ଦ୍ୱିତୀୟ ପ୍ରସଙ୍ଗଟି ହେଲା ଡାଲିଜାତୀୟ ଫସଲ ଓ ତୈଳବୀଜ ଉତ୍ପାଦନ ପାଇଁ ରାଜ୍ୟରେ ଆବଶ୍ୟକ ସୁବିଧାସୁଯୋଗ ଥିବା ସତ୍ତ୍ୱେ ଏ କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ନୈରାଶ୍ୟଜନକ। ଡାଲି ଓ ତୈଳବୀଜ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇ ନ ପାରିବାର କାରଣ ଅନୁଧ୍ୟାନ କରି ସରକାର ପଦକ୍ଷେପ ନେଲେ ଭଲ ହେବ। କପା, ଆଖୁ, ଛୋଟଶସ୍ୟ ଆଦି କଥା ମଧ୍ୟ ଆମକୁ ଚିନ୍ତା କରିବାକୁ ପଡ଼ିବ; କାରଣ ଏଥିରେ ଓଡ଼ିଶା ବହୁତ ପଛରେ। ଉଦ୍ୟାନକୃଷି ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଆବଶ୍ୟକ କରେ। ଆମର ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ପ୍ରଦର୍ଶନ ଅପେକ୍ଷାକୃତ ଭଲ ହେଲେ ମଧ୍ୟ ଏ କ୍ଷେତ୍ରରେ ବିଶାଳ ସମ୍ଭାବନାକୁ ଏବେ ମଧ୍ୟ ଉପଯୋଗ କରାଯାଇ ପାରିନାହିଁ। ନମୁନା ସର୍ଭେ ତଥ୍ୟକୁ ଭିତ୍ତିକରି ଏବେ ରାଜ୍ୟ ସରକାର କହୁଛନ୍ତି ଓଡ଼ିଆଚାଷୀଙ୍କ ଆୟ ଦୁଇଗୁଣ ହୋଇଛି। ଏ ଦାବି ପଛରେ ବିଶେଷ କିଛି ଗର୍ବ କରିବା ବା ବାହାଦୁରି ନେବାର ନାହିଁ। ଦଶବର୍ଷ ତଳେ ଦେଶ ବା ରାଜ୍ୟର ସାଧାରଣ ମୂଲ୍ୟସୂଚୀ ଯାହାଥିଲା ଏବେ ତାହା ପାଖାପାଖି ୫ଗୁଣ ବଢ଼ିଛି। ସାମଗ୍ରୀ ମହଙ୍ଗା ହୋଇଥିବାବେଳେ ଟଙ୍କାର କ୍ରୟଶକ୍ତି କମିଛି। ସବୁ ଜିନିଷର ମୂଲ୍ୟ ବଢ଼ିଥିବାବେଳେ କୃଷିଜାତ ସାମଗ୍ରୀର ମୂଲ୍ୟ ବଢ଼ିଛି। ତଦନୁସାରେ ଚାଷୀ ତା'ର ଉତ୍ପାଦିତ ସମାଗ୍ରୀର ମୂଲ୍ୟ ବଢ଼ାଇବାକୁ ବାଧ୍ୟ ହୋଇଛି। ଏହି ମୂଲ୍ୟରେ ତା'ର ଉତ୍ପାଦନ ଖର୍ଚ୍ଚ, ନିଜସ୍ୱ ମଜୁରି ଓ ଅନ୍ୟାନ୍ୟ ଖର୍ଚ୍ଚ ରହିଛି। ତେଣୁ ତାହାର ଆୟ ବଢ଼ିଛି ବୋଲି କହିବା ଠିକ୍ ନୁହେଁ। ଯଦି ଚାଷୀଙ୍କର ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥା'ନ୍ତା, ତା'ହେଲେ ସେମାନେ ଲାଭବାନ ହୋଇଥାନ୍ତେ। କୃଷି କ୍ଷେତ୍ରରେ ବିଭିନ୍ନ ଅଗ୍ରଣୀ ରାଜ୍ୟର କୃଷିଜାତ ଦ୍ରବ୍ୟ ଅମଳ ପରିମାଣ ହେକ୍ଟର ପିଛା ଯାହା ଓଡ଼ିଶା ସେଥିରେ ବହୁ ପଛରେ। ସେହିଭଳି ଚାଷଜମିରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କ୍ଷେତ୍ରରେ ମଧ୍ୟ ଓଡ଼ିଶା ପଛରେ। ଏଠାରେ ସାର ବ୍ୟବହାର ମଧ୍ୟ ଜାତୀୟ ହାରଠାରୁ କମ୍। ସର୍ବୋପରି ଓଡ଼ିଶାରେ ଏବେ ବିଭିନ୍ନ କାରଣରୁ ଅଧା ଚାଷଜମି ପଡ଼ିଆ ପଡୁଛି। ଚାକିରି କରିଥିବା ଲୋକଙ୍କ ବେତନ, ମଜୁରି ଓ ଦରଦାମ ଯେଉଁ ତୁଳନାରେ ବଢ଼ିଛି ତଦନୁସାରେ ଚାଷୀର ଆୟ ନଗଣ୍ୟ। ତେଣୁ ଏହାକୁ ନେଇ ସରକାର ଛାତି ଫୁଲେଇ ବାହାବା ନେବା ତୁଚ୍ଛା ବାହାଦୁରି। ଓଡ଼ିଆ ଚାଷୀର ଆୟ ଯଦି ୪/୫ ଗୁଣା ବଢ଼ିଥା'ନ୍ତା ତେବେ ଏହାକୁ ନେଇ ଗର୍ବ କରିହୋଇଥାନ୍ତା। ରାଜ୍ୟର ମୋଟ ୭୦ ଶତାଂଶ ଲୋକ କୃଷି ଉପରେ ନିର୍ଭରଶୀଳ। ସେମାନଙ୍କ ମଧ୍ୟରୁ ଅଧିକାଂଶ କେବଳ ପରିବାର ପୋଷଣ ପାଇଁ ଚାଷ କରିଥାନ୍ତି। ଏହାସତ୍ତ୍ୱେ ରାଜ୍ୟର ମୋଟ ଘରୋଇ ଉତ୍ପାଦନରେ କୃଷିକ୍ଷେତ୍ରର ଅବଦାନ ୧୮ ଶତାଂଶ ଯାହା ନଗଣ୍ୟ। ଏହି କ୍ଷେତ୍ରରେ ଯେତେ ଲୋକ ସମ୍ପୃକ୍ତ ସେମାନଙ୍କ ମଧ୍ୟରୁ ଅଧେଙ୍କୁ ବାହାର କରିଦେଇ ଅନ୍ୟ କ୍ଷେତ୍ରରେ କାମଧନ୍ଦା ଯୋଗାଇଲେ ବରଂ ସେମାନଙ୍କ ଆୟ ବଢ଼ିବ। ଚାଷବାସ ଭଳି ସୀମିତ କ୍ଷେତ୍ରରେ ଅସୀମିତ ଲୋକଙ୍କ ସମ୍ପୃକ୍ତି ସମ୍ପୃକ୍ତ ଲୋକଙ୍କ ଆୟ ବୃଦ୍ଧିରେ ସହାୟକ ହେବନାହିଁ। ଓଡ଼ିଶା ସରକାର କୃଷି ବିକାଶର ଡିଣ୍ଡିମ ପିଟୁଥିବାବେଳେ ରାଜ୍ୟରେ ଚାଷୀ ଆତ୍ମହତ୍ୟା ଓ ଧାନଭଳି କୃଷିଜାତ ପଦାର୍ଥର ଅଭାବୀ ବିକ୍ରି ଏକ ନିତିଦିନିଆ ଘଟଣା ପାଲଟିଛି। ଯେଉଁ ସାମଗ୍ରୀର ଚାହିଦା ରହିଛି ତାହାକୁ ଚାଷ ନ କରି କେବଳ ଧାନଚାଷରେ ମାତିଲେ ସମସ୍ୟାର ସମାଧାନ ତ ହେବନାହିଁ, ବରଂ ଏହା ବଢ଼ିବ। ରାଜ୍ୟ ସରକାର ଏ ଦିଗପ୍ରତି ଦୃଷ୍ଟିଦେଇ ନୂଆ ନୀତି ପ୍ରଣୟନ କରନ୍ତୁ। ଖାଦ୍ୟଶସ୍ୟ ସହ ଡାଲି, ତୈଳବୀଜ, ପନିପରିବା, ଆଳୁପିଆଜ, ମାଛମାଂସ ଭଳି ବହୁଳ ବ୍ୟବହୃତ ଜିନିଷରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇପାରିଲେ ଯାଇ ଆମେ ନିଶଫୁଲାଇ ଚାଲିପାରିବା ଏବଂ ଗର୍ବର ସହ ଆମ କୃଷି ଉପଲବ୍ଧିର କାହାଣୀ କହିପାରିବା।

# ପ୍ରଦେଶ ଛାତ୍ର କଂଗ୍ରେସର 'ଛାତ୍ର ଯୋଡ଼ୋ ଭାରତ ଯୋଡ଼ୋ' କାର୍ଯ୍ୟକ୍ରମ

ଭୁବନେଶ୍ୱର (ପିଏନ୍)-ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ମହର୍ଷି କଲେଜଠାରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ 'ଛାତ୍ର ଯୋଡ଼ୋ ଭାରତ ଯୋଡ଼ୋ' କାର୍ଯ୍ୟକ୍ରମରେ ଏକ ପଦଯାତ୍ରା ହୋଇଥିଲା। ଛାତ୍ର କଂଗ୍ରେସ କର୍ମକର୍ତାମାନେ ଏବଂ ଛାତ୍ରଛାତ୍ରୀମାନେ ମହର୍ଷି କଲେଜରୁ ଯାତ୍ରା ଆରମ୍ଭ କରି ରମାଦେବୀ ବିଶ୍ୱବିଦ୍ୟାଳୟ ଦେଇ ଉତ୍କଳ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିକ୍ରମା କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ ୟାସିର ନୱାଜଙ୍କ ଆହ୍ୱାନରେ ରାହୁଲ ଗାନ୍ଧୀଙ୍କର ଭାରତଯୋଡ଼ କାର୍ଯ୍ୟକ୍ରମକୁ ଓଡ଼ିଶାର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଆଗେଇ ନିଆଯିବ। ଓଡ଼ିଶାର ସାରା ମଧ୍ୟ ଏହି କାର୍ଯ୍ୟକ୍ରମ ଏବେ ଚାଲିଛି। ଏଥିରେ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ପ୍ରତି ତାଙ୍କର ସମର୍ଥନ ବ୍ୟକ୍ତ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରୀ ନୱାଜ କହିଥିଲେ ଯେ ଦେଶର ଅଖଣ୍ଡତା ରକ୍ଷା କରିବାପାଇଁ, ଗଣତନ୍ତ୍ର ଓ ସମ୍ବିଧାନକୁ ସଶକ୍ତ କରିବାପାଇଁ, ଦେଶର ସମ୍ପତି ବିକ୍ରିକୁ ରୋକିବା ପାଇଁ ଏବଂ ବିଶେଷ କରି ଘୃଣା, ହିଂସା, ଦ୍ୱେଷକୁ ପରିହାର କରି ଏକ ନୂତନ ଭାରତବର୍ଷର ଗଠନର ପ୍ରଚେଷ୍ଟା ହେଉଛି ଭାରତ ଯୋଡ଼ୋ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ନବୀନ ସରକାରଙ୍କର ଛାତ୍ର ବିରୋଧୀ ନୀତିର ତୀବ୍ର ସମାଲୋଚନା କରି ସେ କହିଥିଲେ ଯେ ଓଡ଼ିଶାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଛାତ୍ର ବିଜେଡ଼ିର ଦଳୀୟ କାର୍ଯ୍ୟାଳୟରେ ପରିଣତ କରିବାପାଇଁ ମୁଖ୍ୟମନ୍ତ୍ରୀ ଚକ୍ରାନ୍ତ କରୁଛନ୍ତି। ଗୋଟିଏ ପଟେ ଚାରିବର୍ଷ ହେଲା ଛାତ୍ର ସଂସଦର ନିର୍ବାଚନ ବନ୍ଦ କରାଯାଇଥିଲା ବେଳେ, ଛାତ୍ର ବିଜେଡ଼ି ପକ୍ଷରୁ କ୍ୟାମ୍ପସ କମିଟି ଗଠନ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ୨୨ ବର୍ଷ ଭିତରେ ଛାତ୍ର ବିଜେଡ଼ି ଏକ ନିକମା, ମେରୁଦଣ୍ଡବିହୀନ, ମସ୍ତକ ବିହୀନ, ସ୍ୱାଭିମାନ ରହିତ, ଗୋଡ଼ାଣିଆ, ଅନ୍ଧ, ମୂକ, ବଧିର ସଂଗଠନ ଭାବରେ ରହିଛି। ଏମାନେ କେବେ ଛାତ୍ରସ୍ୱାର୍ଥ ପାଇଁ ସ୍ୱର ଉତୋଳନ କରନ୍ତି ନାହିଁ। କେବଳ ନବୀନବାବୁଙ୍କ ଜୟଜୟକାର କରିବା ଛଡ଼ା ଛାତ୍ର ବିଜେଡ଼ିର ଦ୍ୱିତୀୟ କାର୍ଯ୍ୟ କିଛି ନାହିଁ। ଏମାନେ କେବେ ଆନ୍ଦୋଳନ କରି ରାସ୍ତା ଉପରକୁ ଓହ୍ଲାଇ ନାହାନ୍ତି। ସାରା ରାଜ୍ୟରେ କ୍ୟାମ୍ପସ ଅସୁରକ୍ଷିତ, ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ପ୍ରାଇଭେଟ କଲେଜର ମାଲିକମାନେ ଶୋଷଣ କରୁଛନ୍ତି। କଲେଜ ଫି ବଢ଼ି ବଢ଼ି ଚାଲିଛି, ର୍‍ୟାଗିଂ ଚାପରେ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି, ଅଧ୍ୟାପକମାନଙ୍କର ଘୋର ଅଭାବ, ଭିତିଭୂମି ନାହିଁ, ଜାଲ ସାର୍ଟିଫିକେଟରେ ଆଡମିଶନ ହେଉଛି, ଡେଭଲପମେଂଟ ଫଣ୍ଡ ଲୁଟି ନିଆଯାଉଛି। ଆମେ ଆନ୍ଦୋଳନ କରୁଛୁ ମାତ୍ର ଛାତ୍ର ବିଜେଡ଼ି ଚୁପ ବସିଛି। ଏବିଭିପି ମଧ୍ୟ ବିସିଜେଡ଼ି ସହ ହାତ ମିଳାଇଛି। ଅପରପକ୍ଷରେ ବର୍ଷକୁ ନବୀନ ପଟ୍ଟନାୟକ ୨ଲକ୍ଷ ଏବଂ ନରେନ୍ଦ୍ର ମୋଦି ୨ କୋଟି ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇ ଏବେ ଛାତ୍ରଛାତ୍ରୀମାନଙ୍କୁ ଓ ବେକାର ଯୁବକ ଯୁବତୀମାନଙ୍କୁ ଭୂଆଁ ବୁଲାଉଛନ୍ତି। ମହଙ୍ଗାମାଡ଼ ଜନସାଧାରଣଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଛି। ଖଣି, ରେଳବାଇ, ଏଲଆଇସି, ବିଏସଏନଏଲ, ବନ୍ଦର ଯାହା ସବୁ ଦେଶର ସଂପତି ରହିଛି ସବୁ ଗୋଟି ଗୋଟି କରି ନରେନ୍ଦ୍ର ମୋଦି ନିଜର ବନ୍ଧୁ ଶିଳ୍ପପତିମାନଙ୍କୁ ଦାନ କରିଦେଉଛନ୍ତି। ଘୃଣା, ହିଂସା, ଜାତିବାଦ, ଖାଦ୍ୟ ଓ ପୋଷାକ ଆଧାରରେ ଭାରତକୁ ଭାଗ ଭାଗ କରିବାପାଇଁ ଚକ୍ରାନ୍ତ ଚାଲିଛି। ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରଣୟନ କରାଯାଇଛି ଯାହାକି ବିଜେପି ଓ ଆରଏସଏସ ପ୍ରସ୍ତୁତ ଏକ ଶିକ୍ଷା ବ୍ୟବସ୍ଥା। ଶିକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦିଆଯାଇଛି। ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ସମୂହରେ ଭାରତ ଯୋଡ଼ୋ କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିବା ବେଳେ ଓଡ଼ିଶାରେ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାପାଇଁ ଛାତ୍ର କଂଗ୍ରେସ ଛାତ୍ର ଯୋଡ଼ୋ କାର୍ଯ୍ୟକ୍ରମ କରୁଛି। ପ୍ରତ୍ୟେକ କଲେଜ ଓ ବିଶ୍ୱବିଦ୍ୟାଳୟରେ ପଂହଚିବା ଆମର ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ମନୋଜ ବିଶ୍ୱାଳ, କିରଣ ସାହୁ, ନିହାର ବେହେରା, ସ୍ୱାଗତ କର, ସୁନିଲ ମାଟିଆ, ଜଗଦିଶ ଗଜେନ୍ଦ୍ର, ସ୍ମୃତିରନ ତ୍ରିପାଠୀ, ନିହାର ବେହେରା, ରଣଜିତ ସେନାପତି, କାର୍ତିକେଶ୍ୱର କାଣ୍ଡି, ବିଶ୍ୱଭୂଷଣ ମହାପାତ୍ର, ବିଭୁତିଭୂଷଣ ମହାପାତ୍ର, ନିଆଜୁଲ ଇସଲାମ, ସାହାରୁଖ ଖାନ, ଉଦିତ୍ ପ୍ରଧାନ, ମହମ୍ମଦ ସମିଉଲ, ଭାଗ୍ୟଶ୍ରୀ ମହାନ୍ତି, ରାଜଲକ୍ଷ୍ମୀ ସାହୁ, ସ୍ନେହା ଜେନା, ସୌମ୍ୟବ୍ରତ ଷଣ୍ଢ, ସୟଦ ଆଜମ ଅଲ୍ଲୀ, ଆର୍ଯ୍ୟାନ ସାସମଲ, ଅବଦୁଲ ଆବ୍ରାର, ବାସୁଦେବ ନାର୍ଥ ଶର୍ମା, ଅପର୍ଣ୍ଣା ଜେନା, ଲିପ୍ସା ପରିଡ଼ା, ରାଜେଶ୍ୱରୀ ବିଶ୍ୱାଳ, ବାସନ୍ତ ଗାଗରାଇ, ପ୍ରତ୍ୟୁଷ ରଂଜନ ପ୍ରଧାନ ଓ ସୁନିଲ ସାହୁ ଗାନ୍ଧୀ ପ୍ରମୁଖ ବହୁ ଛାତ୍ର ନେତା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଏସେଲସ୍ ପବ୍ଲିକ ସ୍କୁଲ ପକ୍ଷରୁ ଉଡାନ ଓ ଲିଟେରାରୀ କ୍ଲବ ଉଦଘାଟିତ



କଟକ (ପିଏନ୍): କଟକ ସେକ୍ଟର-୯ସ୍ଥିତ ଏସେଲସ୍ ପବ୍ଲିକ ସ୍କୁଲ ଓଡ଼ିଶାର ପ୍ରଥମ ବିଦ୍ୟାଳୟ ଭାବେ ପିଲାମାନଙ୍କ ପାଇଁ ଉଡାନ ଓ ପ୍ରଦର୍ଶ ଶୀର୍ଷକ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶିକା ଡକ୍ଟର ମେଘନା ମିଶ୍ରଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ଅତିଥି ବକ୍ତା ଭାବେ ରୁହିନା ପ୍ରିୟଦର୍ଶିନୀ ଯୋଗ ଦେଇ ସକାରାତ୍ମକ ଓ ମନସ୍ତାତ୍ତ୍ୱିକ ପ୍ରଶିକ୍ଷଣ ଉପରେ ଆଲୋକପାତ କରିଥିଲେ। ଶହେଜଣ ଅଭିଭାବକ ଯୋଗଦେଇଥିବାବେଳେ ବିଦ୍ୟାଳୟର ଅଧକ୍ଷା ମଞ୍ଜୁଶ୍ରୀ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପିଲାମାନେ ନିଜ ଦକ୍ଷତା ଓ ନିଜ ଭିତରର ଶ୍ରେଷ୍ଠତାକୁ ପ୍ରଦର୍ଶନ କରିବା ପାଇଁ ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ବିଦ୍ୟାଳୟ ପକ୍ଷରୁ ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶିକା ଶିକ୍ଷାବିତ୍ ଡକ୍ଟର ମେଘନା ମିଶ୍ର ମତବ୍ୟକ୍ତ କରିଥିଲେ। ସେହିପରି ବିଦ୍ୟାଳୟ ପକ୍ଷରୁ ଲିଟେରାରୀ କ୍ଲବ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟ ସମୂହର ନିର୍ଦ୍ଦେଶିକା ଡକ୍ଟର ମେଘନା ମିଶ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ତିନିଶହ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିବାବେଳେ ପିଲାମାନଙ୍କର ଅନ୍ତର୍ନିହିତ ସୃଜନଶୀଳ ପ୍ରତିଭାର ଉନ୍ମୋଚନ କରିବା ଏହି କାର୍ଯ୍ୟକ୍ରମର ମୂଳ ତାତ୍ପର୍ଯ୍ୟ ବୋଲି ସେ ମତବ୍ୟକ୍ତ କରିବା ସହ ଏହି କ୍ଲବ ବିପୁଳ ସଫଳତା ପାଇବ ବୋଲି ସେ ଆଶା ପ୍ରକାଶ କରିଥିଲେ।

## ଗୀତାଞ୍ଜଳିର ପନ୍ଦରତମ ସ୍ୱନକ୍ଷତ୍ର ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ସ୍ୱସ୍ତି ପ୍ରିମିଅମ୍‌ଠାରେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଗୀତାଞ୍ଜଳିର ପନ୍ଦରତମ ସ୍ୱନକ୍ଷତ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ ମୁଖ୍ୟ ଅତିଥି, ସଭାପତି ସୁଭାଷ ଚନ୍ଦ୍ର ମୁଖାର୍ଜୀ, ଉପଦେଷ୍ଟା ଡ. ସଜାଲେନ୍ଦୁ ମାଲକାର, ଉପସଭାପତି ହର୍ଷବର୍ଦ୍ଧନ ଭରଦ୍ୱାଜ ଯୋଗଦେଇ ରବୀନ୍ଦ୍ର ନାଥ ଠାକୁରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସୁଜାତା ରାହାଙ୍କ ଆବାହକତ୍ୱରେ ସଂଗୀତ କାର୍ଯ୍ୟକ୍ରମ ହେବା ସହିତ ମାତୃଭାଷାର ବିକାଶ, ସାମାଜିକ କାର୍ଯ୍ୟକ୍ରମ ପ୍ରମୁଖ ଆଗେଇ ନେବାକୁ କହିଥିଲେ। ସାଧାରଣ ସମ୍ପାଦକ ତପନ କୁମାର ରାହା ବିବରଣୀ ରଖିବା ସହ ସମସ୍ତେ ରାଷ୍ଟ୍ର ପାଇଁ ନିଷ୍ଠା, ସମର୍ପଣ ଭାବ ରଖନ୍ତୁ ବୋଲି ବକ୍ତବ୍ୟ ରଖିଥିଲେ। ଶେଷରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପୂର୍ବତନ ବିଧାୟକ ଗୋପ ନାରାୟଣ ଦାସଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର (ପିଏନ୍)-ବାଲେଶ୍ୱର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଗୋପନାରାୟଣ ଦାସଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସ୍ୱର୍ଗତଃ ଦାସ କଂଗ୍ରେସ ଦଳର ଜଣେ ଟାଣୁଆ ସଂଗଠକ ଥିଲେ। କଂଗ୍ରେସ ଦଳରୁ ବିଧାନସଭାକୁ ନିର୍ବାଚିତ ହୋଇ ବାଲେଶ୍ୱରର ଜନସାଧାରଣଙ୍କର ସମସ୍ୟାକୁ ବିଧାନସଭାରେ ଦୃଢ଼ ଉପସ୍ଥାପନ କରିବା ଏବଂ ତାର ପ୍ରତିକାର କରିବାରେ ସେ କେବେ ଅବହେଳା କରିନାହାନ୍ତି। ନିଜ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ। ସେ ଜଣେ ସ୍ନେହୀ, ପରୋପକାରୀ ଓ ବନ୍ଧୁବତ୍ସଳ ବ୍ୟକ୍ତି ଭାବରେ ସମସ୍ତଙ୍କ ନିକଟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲେ। ତାଙ୍କ ବିୟୋଗ କଂଗ୍ରେସ ଦଳ ପାଇଁ ଅପୂରଣୀୟ କ୍ଷତି ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି। ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିବା ସହ ଶ୍ରୀ ପଟ୍ଟନାୟକ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।


## DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ଅଭିଭାବକ ଫାଟକରେ ପକାଇଲେ ତାଲା



ଅସ୍ତରଙ୍ଗ,(ପି.ଏନ): ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳଶିକ୍ଷା ବିଭାଗ ଅଧୀନରେ ଦଶ ଟି ବିଦ୍ୟାଳୟ ରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଅନ୍ୟତ୍ର ବିଦ୍ୟାଳୟ ବଦଳି ହୋଇଛି. କିନ୍ତୁ ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ଅଭିଭାବକ ଓ ଛାତ୍ର ଛାତ୍ରୀଙ୍କ ଅଶୋନ୍ତ ଦେଖିବାକୁ ମିଳିଛି।ସୂଚନା ମୁତାବକ ଅସ୍ତରଙ୍ଗ ବ୍ଲକ ଛୁରିଆନା ପଂଚାୟତ ସରକାରୀ ୟୁ. ଜି. ୟୁ. ପି ବିଦ୍ୟାଳୟ ବଳଭଦ୍ରପୁର ଶିକ୍ଷୟିତ୍ରୀ ଜାନକୀ ସମାଡ଼ ଙ୍କୁ ରାଇକଣା ପ୍ରାଥମିକ ବିଦ୍ୟାଳୟ ବଦଳି ହୋଇଥିବା ସୂଚନା ମିଳିବା ପରେ ଅଭିଭାବକ ଶିକ୍ଷୟିତ୍ରୀ ବଦଳିକୁ ବାତିଲ କରିବା ପାଇଁ ଗତ ୧୮ତାରିଖ ରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ. କିନ୍ତୁ ସୋମବାର ଅପରାହ୍ନ ସମୟରେ ଶିକ୍ଷାବିଭାଗ ତରଫରୁ ବଦଳି ପାଇଁ ଚିଠି ଆସିବା ପରେ ଛାତ୍ର ଛାତ୍ରୀ ଓ ଅଭିଭାବକ ମହଲରେ ଅଶୋନ୍ତସ ଦେଖିବାକୁ ମିଳିଛି.ଅଭିଭାବକ କହିବା ମୁତାବକ ଶିକ୍ଷୟିତ୍ରୀ ଜାନକୀ ସମାଣ ଜଣେ କର୍ତ୍ତବ୍ୟ ନିଷ୍ଠ ଓ ସମାୟାନୁବର୍ତ୍ତିତାଶିକ୍ଷୟିତ୍ରୀ। ଛାତ୍ର ଛାତ୍ରୀଙ୍କୁ ଅତି ସୁନ୍ଦର ଓ ସରଳ ଭାବରେ ଶିକ୍ଷାଦାନ କରିଥାନ୍ତି। କିନ୍ତୁ ଜଣେ ଆଦର୍ଶ ଶିକ୍ଷୟିତ୍ରୀଙ୍କ ବଦଳି ଖବର ପାଇବା ପରେ ଅଭିଭାବକ, ଛାତ୍ର ଛାତ୍ରୀ ମତ ଦେଇଛନ୍ତି ଶିକ୍ଷୟିତ୍ରୀ ବଦଳି ହେଲେ ବିଦ୍ୟାଳୟ ପାଠପଢ଼ା ବ୍ୟାଘାତ ହେବ। ଯଦି ବଦଳି ହୁଏ ଅଭିଭାବକ ମାନେ ରାସ୍ତାରେ ଧାରଣା ଦେବେ ବୋଲି ଲିଖିତ ଆକାରରେ ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। କିନ୍ତୁ ସୋମବାର ଅପରାହ୍ନ ରେ ଶିକ୍ଷୟିତ୍ରୀ ବଦଳି ନିର୍ଦ୍ଦେଶ ଆସିବା ପରେ ବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀ ଅଶୋନ୍ତସ ବ୍ୟକ୍ତ କରିବା ସହ ବିଦ୍ୟାଳୟ ଛୁଟି ପରେ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ଫାଟକ ନିକଟରେ ତାଲା ପକାଇଥିଲେ। ଅଭିଭାବକଙ୍କ ଦାବି ଶିକ୍ଷୟିତ୍ରୀଙ୍କ ବଦଳିକୁ ବାତିଲ କରାଯାଉ ନଚେତ ମଙ୍ଗଳବାର ଦିନ ଛାତ୍ର ଛାତ୍ରୀ ଓ ଅଭିଭାବକ ବିଦ୍ୟାଳୟ ସାମ୍ନାରେ ଧାରଣା ଦେବେ। ଏ ବିଷୟରେ ବ୍ଲକ ଶିକ୍ଷାଧିକାରୀ ସୁଶୀଲ ବ୍ରହ୍ମ କହିବା ମୁତାବକ ସରକାରୀ ୟୁ. ଜି. ୟୁ. ପି ବଳଭଦ୍ରପୁର ବିଦ୍ୟାଳୟ ରେ ୧୧୪ଜଣ ଛାତ୍ର ଛାତ୍ରୀଙ୍କୁ ଛଅ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିବାରୁ ରାଇକଣା ପ୍ରାଥମିକ ବିଦ୍ୟାଳୟ କୁ ବଦଳି ହୋଇଛି। କାରଣ ସରକାର ଙ୍କ ସୂଚନା କୌଣସି ବିଦ୍ୟାଳୟ ରେ ଜଣେ ଶିକ୍ଷକ ରହିବେ ନାହିଁ, ଯାହାକୁ ନେଇ ଦୀର୍ଘ ଦିନ ତଳେ ରାଇକଣା ପ୍ରାଥମିକ ବିଦ୍ୟାଳୟ ଜଣେ ଶିକ୍ଷୟିତ୍ରୀ ଥିବାରୁ ପାଠ ପଢ଼ା ବ୍ୟାଘାତ ହେବାରୁ ବିଦ୍ୟାଳୟ ରେ ସ୍ଥିତି ସୁଧାରିବା ପାଇଁ ବଳଭଦ୍ରପୁର ବିଦ୍ୟାଳୟ କାର୍ଯ୍ୟରତ ଜାନକୀ ଗୁରୁମା ନିଆଯାଇଛି। କିନ୍ତୁ ବଦଳିକୁ ବାତିଲ କରିବା ସମ୍ଭବ ନୁହେଁ ବୋଲି ବ୍ଲକ ଶିକ୍ଷାଧିକାରୀ ସୁଶୀଲ ବ୍ରହ୍ମ ସୂଚନା ଦେଇଛନ୍ତି।

## ଶିକ୍ଷାବିତ୍ ଓ ସାହିତ୍ୟିକ ସମାଜରେ ବିପ୍ଳବ ଆଣିପାରିବେ: ବିଶ୍ୱଭୂଷଣ

ଭୁବନେଶ୍ୱର,(ପି.ଏନ): ଛତିଶଗଡ଼ ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନନ ଏମ୍.ବି.ସି. ଟିଭି ଦ୍ୱାରା ଆୟୋଜିତ ଶିକ୍ଷା ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ସମାଜ ଓ ଦେଶକୁ ସମୃଦ୍ଧ ଏବଂ ପ୍ରଗତିଶୀଳ କରେ ବୋଲି କହିଥିଲେ। ଶିକ୍ଷା ସୁଦୃଢ଼ ହେଲେ ସମାଜ ବିକାଶୋନ୍ମୁଖୀ ଦିଗରେ ଅଗ୍ରସର ହୋଇ ଶସକ୍ତ ହୁଏ। ପ୍ରତ୍ୟେକ ବ୍ୟକ୍ତି ନିଜର ଶିକ୍ଷା ପାଇଁ, ନିଜର ସମାଜ ପାଇଁ, ନିଜର ଅଧିକାର ପାଇଁ ଲଢ଼େଇ କରିବା ଉଚିତ୍। ଏହି ଶିକ୍ଷା ନିଜର ମାଟି ଓ ମା ପାଇଁ ଲଢ଼େଇ କରିବାକୁ ପ୍ରେରଣା ଦେଇଥାଏ। ଏ କ୍ଷେତ୍ରରେ ଶିକ୍ଷାବିତ୍ ଓ ସାହିତ୍ୟିକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମାଜର ଅଧୋଗତି ଦେଖିଲେ କିମ୍ବା ମାନବିକ ଅଧିକାରର ଉଲଙ୍ଘନ ହେଲେ ସେମାନେ ତାଙ୍କ ଲେଖା ଜରିଆରେ ବିପ୍ଳବ ସୃଷ୍ଟିକରିପାରନ୍ତି।ଶିକ୍ଷା କେବଳ ଆମେ ପାଠ୍ୟ ପୁସ୍ତକରୁ ପାଇଥାଉ ତାହା ନୁହେଁ ବରଂ ଆମେ ଆମର ଅନୁଭୂତିରୁ, ଜୀବନରୁ, ସମାଜରୁ, ନିଜଠାରୁ, ଅନ୍ୟମାନଙ୍କ ଠାରୁ ଆଦି ବିଭିନ୍ନ ଭାବରେ ଶିକ୍ଷା ଲାଭ କରିଥାଉ। ମହାତ୍ମା ଗାନ୍ଧୀ ଜୀବନ ସହିତ ଶିକ୍ଷାକୁ ତୁଳନା କରି କହିଛନ୍ତି, 'ଯେତେ ଛୋଟ ହେଉ ପଛେ ଜବନରେ ଏପରି କିଛି ନାହିଁ, ଯେଉଁଥିପାଇଁ ଶିକ୍ଷାର ଚିନ୍ତା ପ୍ରକଟ କରାଯାଇ ପାରିବ ନାହିଁ।'

# ସକ୍ଷମ ହେଲେ ୨୩୩ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀ



ଭୁବନେଶ୍ୱର,(ପି.ଏନ): ଶାରୀରିକ ଗଠନରେ ତ୍ରୁଟି ଯୋଗୁଁ ଛାତ୍ରଛାତ୍ରୀ ମାନେ ଦୈନନ୍ଦିନ କାର୍ଯ୍ୟ କରିବାରେ ତଥା ନିୟମିତ ବିଦ୍ୟାଳୟ ଉପସ୍ଥାନରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହି ଅସୁବିଧାକୁ ଦୂର କରିବା ପାଇଁ ସମଗ୍ର ଶିକ୍ଷା ମୟୂରଭଞ୍ଜ ଓ ଇଖଓଗଡଡଙ୍ଗ (ଆଲିମକୋ) ଭୁବନେଶ୍ୱରର ମିଳିତ ସହଯୋଗରେ ଆଲିମକୋର ଅଭିଜ୍ଞ୍ୟ କୃତିମ ଅଙ୍ଗ ପ୍ରତ୍ୟଙ୍ଗ ବିଶେଷଗ୍ନଙ୍କ ଦ୍ୱାରା ୨୦୨୨-୨୩ ଶିକ୍ଷା ବର୍ଷରେ ଚିହ୍ନଟି କରଣ ଶିବିର ଜିଲ୍ଲାର ୧୨ଟି ସ୍ଥାନରେ ଆୟୋଜନ କରାଯାଇଥିଲା । ଏଥିରେ ସର୍ବ ମୋଟ ୨୩୩ ଜଣ ପିଲା ବିଭିନ୍ନ ପ୍ରକାରର କୃତିମ ଅଙ୍ଗ ପ୍ରତ୍ୟଙ୍ଗ ପାଇବା ନିମନ୍ତେ ମନୋନୀତ ହୋଇଥିଲେ । ଗତ ତା ୧୬.୦୮.୨୦୨୩ ରଖ ଠାରୁ ୨୧.୦୮.୨୦୨୩ ରଖ ପର୍ଯ୍ୟନ୍ତ ଚିହ୍ନିଟ ହୋଇଥିବା ୨୩୩ ଜଣ ଛାତ୍ର ଛାତ୍ରୀଙ୍କୁ ଜିଲ୍ଲା ଭିନ୍ନକ୍ଷମ ପୂର୍ଣ୍ଣବାସ ଥଇଥାନ କେନ୍ଦ୍ର (ଡିଡିଆରସି) ବାରିପଦା ଠାରେ ୬ ଗୋଟି ପର୍ଯ୍ୟାୟରେ ଉକ୍ତ ସାମଗ୍ରୀ ଗୁଡିକୁ ବଣ୍ଟନ କରାଯାଇଥିଲା ।ଇଖଓଗଡଡଙ୍ଗ ତରଫରୁ ଶ୍ରୀ ରାଜେଶ ନନ୍ଦ, ରାଜା ନାୟକ, ଆଶିଷ ମହାରଣା ଓ ଅବିନାଶ ଦେହୁରି ପିଲାମାଙ୍କୁ ଉନ୍ନୁକ୍ତ କୃତିମ ଅଙ୍ଗ ପ୍ରତ୍ୟଙ୍ଗ ଗୁଡିକ କରାଇଥିଲେ । ଜିଲ୍ଲା ଭିନ୍ନକ୍ଷମ ସଂଯୋଜକ ଶ୍ରୀ ନିରଞ୍ଜନ ନାୟକ ପିଲା ମାନେ କିପରି ଭାବରେ ଏହାକୁ ନିୟମିତ ବ୍ୟବହାର କରିବେ ସେଥିପାଇଁ ସମସ୍ତ ଅଭିଭାବକ ମାନଙ୍କୁ ପରାମର୍ଶ ଦେବା ସହିତ ଆବଶ୍ୟକ ହେଲେ ସମଗ୍ର ଶିକ୍ଷା ମୟୂରଭଞ୍ଜ ତରଫରୁ ପ୍ରତେକ ବ୍ଲକ ସ୍ତରରେ ଗୋଷ୍ଠୀ ସାଧନ କେନ୍ଦ୍ର ଠାରେ ଥେରପି ସେଣ୍ଟର ରେ ନିୟମିତ ଅଭ୍ୟାସ ପାଇଁ ବୁଝାଇ ଥିଲେ । ଶ୍ରୀମତୀ ରେଖାରଣୀ ଦାସ ଓ ସୋନାଲିକା ନାୟକ ଏହି କାର୍ଯ୍ୟ କ୍ରମରେ ସହଯୋଗ କରିଥିଲେ ।

# ଭାରତୀୟ ଜନତା ପାର୍ଟିର ସାମ୍ବାଦିକ ସମ୍ମିଳନୀ

ନୂଆପଡା : (ବିରବଲ ପ୍ରଧାନ),(ପି.ଏନ): ଆଜି ଭାରତୀୟ ଜନତା ପାର୍ଟି,ନୂଆପଡା ନିର୍ବାଚ଼ନ ମଣ୍ଡଳୀ ର ଏକ ଜରୁରୀ ବୈଠକ ବିଜେପି ରାଜ୍ୟକାର୍ଯ୍ୟକରିଣୀ ସଦସ୍ୟ ଶ୍ରୀ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ,ଅନ୍ୟତମ ରାଜ୍ୟକାର୍ଯ୍ୟକରିଣୀ ସଦସ୍ୟ ଶ୍ରୀ ହୋମ ସିଂହ ମାଝୀ ଙ୍କ ସଭାପତିତ୍ୱରେ ପାର୍ଟି ନୂତନ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୧/୦୮/୨୦୨୩ରୁ ୩୧/ ୦୮/୨୦୨୩ ପର୍ଯ୍ୟନ୍ତ ରାଜ୍ୟ ବ୍ୟାପୀ ଭୋଟର ସଚେତନ ମହାଭିଜାନ ଓ ସମାନ୍ତରାଳ ଭାବରେ ସେହି ସମୟରେ ଦୁର୍ନୀତି ଓ ଭ୍ରଷ୍ଟାଚ଼ାର ବିରୁଦ୍ଧରେ ଜିଲ୍ଲାର ପ୍ରତ୍ୟେକ ପଂଚ଼ାୟତ କାର୍ଯ୍ୟାଳୟ କୁ ଘେରାଉ କରି ଦାବିପତ୍ର ପ୍ରଦାନ ପାଇଁ ବ୍ୟାପକ କାର୍ଯ୍ୟଖସଡା ପ୍ରସ୍ତୁତ କରାଯାଇଛି ।ଏଥିପାଇଁ ଜିଲ୍ଲା ସ୍ତରରେ ଏକ ପାଞ୍ଚ ଜଣିଆ ଟିମ ଓ ବିଧାନସଭା ମଣ୍ଡଳୀ ସ୍ତର ରେ ଏକ ତିନି ଜଣିଆ ଟିମ ପ୍ରସ୍ତୁତ କରାଯାଇଛି ।ଭୋଟର ସଚେତନତା ମହା ଅଭିଯାନ ରେ ଭୋଟର ତାଲିକା ର ସତ୍ୟା ସତ୍ୟ ଯାଞ୍ଚ,ନୂତନ ଯୁବ ଭୋଟର କୁ ଯୋଗ କରିବା,ଫରଜି ଓ ମୃତ ଭୋଟର ଙ୍କୁ ବାଦ ଦେବା,ଭୋଟର ତାଲିକାରେ ଭୁଲ ଥିଲେ ସଂଶୋଧନ କରାଯିବା ପାଇଁ ଗାଁ ଗାଁ ରେ ପ୍ରତ୍ୟେକ ବୁଥ ରେ ବୁଥ କମିଟି ଓ ଜିଲ୍ଲାର ସମସ୍ତ ଶକ୍ତି କେନ୍ଦ୍ର,ମଣ୍ଡଳ ସ୍ତର ତଥା ଜିଲ୍ଲା ସ୍ତର ର କାର୍ଯ୍ୟକର୍ତ୍ତା ମାନଙ୍କୁ ସକ୍ରିୟ କରି ଓ ଦାୟିତ୍ୱ ପ୍ରଦାନ କରି ସୁଚାରୁ ରୁପେ ନିରପେକ୍ଷ ନିର୍ବାଚ଼ନ ପାଇଁ ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ରେ ପ୍ରଶାସନ କୁ ସାହାଯ୍ୟ କରାଯିବ। ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଶ୍ରୀ ଅଭିନନ୍ଦନ ପଣ୍ଡା ଙ୍କ ନେତୃତ୍ୱରେ ନିର୍ବାଚ଼ନ ମଣ୍ଡଳୀ ର ସମସ୍ତ ଯୁବ ଭୋଟର ମାନ ଙ୍କୁ ଭୋଟର ତାଲିକାରେ ସାମିଲ ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯିବ ।ବିଭିନ୍ନ ମହାବିଦ୍ୟାଳୟ ରେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ମାନେ ନୂତନ ଭୋଟର ତାଲିକାରେ ଯୋଗ ପାଇଁ ସହାୟକ କେନ୍ଦ୍ର ଖୋଲି ଯୁବକ ମାନଙ୍କୁ ସହଯୋଗ କରିବେ ଠିକ ସେହିପରି ଦୁର୍ନୀତି ଓ ଭ୍ରଷ୍ଟାଚ଼ାର ବିରୋଧୀ ଆନ୍ଦୋଳନ ପ୍ରତ୍ୟେକ ପଂଚ଼ାୟତ ରେ ଜୋରଦାର ଢଙ୍ଗରେ ଆରମ୍ଭ କରାଯିବ ।ଆବାସ ଯୋଜନାରେ ବଂଚ଼ିତ ଯୋଗ୍ୟ ହିତାଧିକାରୀ ଙ୍କୁ ସାମିଲ କରିବା,ଲାଞ୍ଚ କାରବାର ଏବଂ ସରକାରୀ ଦଳ ର ଚ଼ାପରେ ଆବାସ ତାଲିକାରେ ସାମିଲ କରିଥିବା ଅଯୋଗ୍ୟ ହିତାଧିକାରୀଙ୍କ ନାମ ବାତିଲ କରିବା, ଭତ୍ତା ଦୁର୍ନୀତି, ମନରେଗା ଦୁର୍ନୀତି,ସାରକଳାବଜାରୀ,ଚ଼ାଉଳ ବଂଟନଦୁର୍ନୀତି,ଧାନ ମଣ୍ଡିରେ ଦୁର୍ନୀତି, ପଞ୍ଚାୟତ କୁ ଦିଆ ଯାଇଥିବା ପଚ଼ାଶ ଲକ୍ଷ ଟଙ୍କା କୁ ବିନା ଗ୍ରାମସଭା ଓ ପଲ୍ଲିସଭାରେ ଲୋକଙ୍କ ଇଛା ବିରୁଦ୍ଧରେ ବିଜେଡି ଠିକାଦାର ପାଳିବା ପାଇଁ ଷଡ଼ଯନ୍ତ୍ର ବିରୁଦ୍ଧରେ ତୀବ୍ର ଆନ୍ଦୋଳନ କରାଯିବ ।ଏହା ପରେ ବ୍ଲକ ଓ ଜିଲ୍ଲା ସ୍ତରରେ ମଧ ଜୋରଦାର ଆନ୍ଦୋଳନ କରାଯିବ। ଆଜିର ବୈଠକରେ ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଅଭିନନ୍ଦନ ପଣ୍ଡା,ବରିଷ୍ଠ ନେତା ଚ଼ତୁର୍ଭୁଜ ଶର୍ମା,ଜନ ଜାତି ମୋର୍ଚ୍ଚା ସଭାପତି ଦୃଷ୍ଟି ମାଝୀ,ଚ଼ନ୍ଦନ ଠାକୁର,ଭଗତ ସିଂ,ସଦାନନ୍ଦ ଯୋଶୀ, ଲାଲା ରାମ ସାହୁ,କୁଞ୍ଜବିହାରି ପଟେଲ,ଭରତ ରାଉତ,ଯୋଗେନ୍ଦ୍ର କରୁଆ,ସରୋଜ ମଲ୍ଲିକ,ଚ଼ନ୍ଦ୍ରମଣି ପ୍ରଧାନ,ରମେଶ ସାହୁ, ରିଖି ରାମ ସତନାମୀଙ୍କ ସମେତ ଶତାଧିକ କର୍ମକର୍ତ୍ତା ଯୋଗଦାନ କରିଥିଲେ। ଦୃଷ୍ଟି ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କମାର ଜାତିକୁ ଆଦିବାସୀ ମାନ୍ୟତା ଦାବି

ନୂଆପଡ଼ା:(ବିରବଲ ପ୍ରଧାନ), (ପି.ଏନ): ନୂଆପଡା ଜ଼ିଲ୍ଲା ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ଭରୁଆମୁଣ୍ଡା ପଞ୍ଚାୟତ କଟିଙ୍ଗପାଣି ଗାଁଠାରେ କମାର ସମାଜର ମହାମେଳି ରବିବାର ଅନୁଷ୍ଠିତ ହୋଇଯାଇଛି । ଘଞ୍ଚ ଜଙ୍ଗଲ ମଧ୍ୟରେ ବାସ କରି ବାଉଁଶରେ ବିଭିନ୍ନ ଘର କରଣ ସାମଗ୍ରୀ ତିଆରି କରି ପରିବାର ପ୍ରତି ପୋଷଣ କରି ଚ଼ାଲି ଆସୁଥିବା ବନବାସୀଙ୍କୁ ସରକାର ଉପେକ୍ଷ୍ୟ କରି ତାଙ୍କର ମୌଳିକ ଅଧିକାରରୁ ବଞ୍ଚିତ କରୁଛନ୍ତି । ହକ ଦାବି ପାଇଁ ସରକାରଙ୍କ ସହ ଲଢେଇ କରିବା ହେବ କ୍ଷ ଆଗାମୀ ନିର୍ବାଚ଼ନ ମଧରେ କମାର ଜାତିକୁ ଆଦିବାସୀ ମାନ୍ୟତା ଦିଆ ନ ଗଲେ, ସମସ୍ତ କମାର ଜାତି ଭୋଟ ବର୍ଜନ କରିବୁ ବୋଲି କମାର ମହାମେଳିରେ ନିଷ୍ପତି ନିଆଯାଇଛି କ୍ଷ କମାର ସମାଜ ଜ଼ିଲ୍ଲା ସଭାପତି ଲାଇସିଂ କମାରଙ୍କ ଅଧକ୍ଷ୍ୟତାରେ ଛତିଶଗଡ ଗରିଆବନ୍ଧ ଜ଼ିଲ୍ଲା କମାର ସମାଜ ମହାସଚ଼ିବ ରୁପସିଂ କମାର ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଛତିଶଗଡର ଶିକ୍ଷାବିତ ଦେଶରାମ କମାର, ସର୍କଲ ସଚ଼ିବ ଝୁଙ୍କୁ କମାର, ଭରୁଆମୁଣ୍ଡା ପଞ୍ଚଯାତ ପୂର୍ବତନ ସରପଞ୍ଚ ବନିତା ଧରୁଆ, ଚୁଲାଭାଟ ପୂର୍ବତନ ସରପଞ୍ଚ ତୀରତ ମାଝୀ, ତାରାବତି ମାଝୀ, କମଲ ସିଂ କମାର, ଡିଲୁ କମାର, ନେହେରୁ କମାର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ ।

# ସ୍ୱାଧୀନତା ର ୭୭ ବର୍ଷ ପରେ ବି ସୁହାଗପୁର ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ,ସରକାର ଦୃଷ୍ଟି ଦେବାକୁ ଦାବି



କାକଟପୁର,(ପି.ଏନ): ଦେଶ ସ୍ୱାଧୀନତାର ୭୭ବର୍ଷ ପାଳନ କରୁଥିଲେ ମଧ କାକଟପୁର ବ୍ଲକ ଅଧିନସ୍ତ ସୁହାଗପୁର ଗ୍ରାମଟି ସୁହାଗ ପୁର ପଂଚ଼ାୟତ ର ମୁଖ୍ୟ ଗ୍ରାମ୍ୟ ହୋଇଥିବା ବେଳେ ଏହି ଗ୍ରାମଟି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରୁ ବହୁ ଦୂରରେ । ଦୀପ ତଳ ଅନ୍ଧାର ଭଳି ଗ୍ରାମରେ ବହୁ ବଡବଡିଆ ନେତାଙ୍କ ଆବିର୍ଭାବ ନ ଥିବା ଯୋଗୁଁ ଗ୍ରାମଟି ସରକାରୀ କର୍ମଚ଼ାରୀ ମାନେ କୋଣ ଠେସା କରି ରଖିଥିବା ମନେ ହେଉଛି କ୍ଷ ଗ୍ରାମର ମୌଳିକ ସମସ୍ୟା ଭିତରେ ସବୁ ଦିନିଆ ରାସ୍ତାର ଅବସ୍ଥା କହିଲେ ନ ସରେ କ୍ଷ ଆଣ୍ଠୁଏ କାଦୁଅ ପଙ୍କ ରେ ଗ୍ରାମ ଲୋକମାନେ ଯିବା ଆସିବା କରିଥାନ୍ତି । ସୁହାଗ ପୁର ଗ୍ରାମ ପଂଚ଼ାୟତ ର ଦୁଇ ଗ୍ରାମ ଯଥା ଫକୀର ସାହି ବସ୍ତି ଓ ପାଟଣାର ବ୍ୟକ୍ତି ମାନେ ନିଜର ଆଧିପତ୍ୟ ବିସ୍ତାର କରି ସରକାରଙ୍କ ଯୋଜନା ହାତାଉ ଥିବା ବେଳେ ସୁହାଗ ପୁର ଗ୍ରାମଟି ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହି ଆସିଅଛି କ୍ଷ ଦଳୀୟ କୁଜି ନେତାଙ୍କ ପରାମର୍ଶ ରେ ଉନ୍ନୟନ ମୂଳକ କାର୍ଯ୍ୟ ଚ଼ାଲୁଥିବା ବେଳେ ସୁହାଗ ପୁର ଗ୍ରାମଟି ସରକାରଙ୍କ ସାବତ ପୁଅ ସଦୃଶ ହୋଇଛି, ଗ୍ରାମ ବାସୀମାନେ ଏକ କେନାଲ ବନ୍ଧରେ ଯିବା ଆସିବା କରୁଥିବା ବେଳେ ଠିକାଦାର କାମ ବାହାନାରେ ବନ୍ଧ ଖୋଲିବା ଯୋଗୁଁ ଗ୍ରାମଟି ବାହ୍ୟ ଜଗତରୁ ବିଛିନ୍ନ ହୋଇ ପଡିଛି, ଗ୍ରାମରେ ସବୁ ଦିନିଆ ରାସ୍ତା ନ ଥିବାରୁ ଗ୍ରାମ ବାସୀଙ୍କ ଠାରେ ବନ୍ଧୁ ବାନ୍ଧିବାକୁ ଲୋକେ ନାକ ଟେକୁଛନ୍ତି, ତୁରନ୍ତ ପୁରୀ ଜିଲ୍ଲପାଳ, ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ ଦାବି ହେଉଛି।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Tuesday August 22, 2023 ଭୁବନେଶ୍ବର ମଙ୍ଗଳବାର, ଅଗଷ୍ଟ ୨୨,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଏନ୍ ଜି ଓ ନାଁ ରେ ଠକେଇ ଅଭିଯୋଗ





ବରଗଡ ଭଟଲି,(ପି.ଏନ): ସରକାର ଚାଷୀଙ୍କ ଚାଷ କାର୍ଯ୍ୟକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ପ୍ରକାର ଚାଷୀ ହିତକର ଯୋଜନା ମାନ ଲାଗୁ କରୁଛନ୍ତି । ମାତ୍ର ବିଭିନ୍ନ ପ୍ରକାର ଦଲାଲ ଉଭୟ ଚାଷୀ ଓ ସରକାରଙ୍କୁ ଚଖମା ଦେଇ ସେହି ଯୋଜନାକୁ ଲୁଟି ଚାଲିଛନ୍ତି । କେତେବେଳେ ଚାଷୀଙ୍କ ଯୋଗାଇ ଦିଆଯାଉଥିବା କୃଷି ସାମଗ୍ରୀ ତ ଆଉ କେତେବେଳେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସାର ଓ ଔଷଧ ମଧ୍ୟ ବାଟ ମାରଣ ହେଉଥିବା ଶୁଣିବାକୁ ମିଳୁଛି । ଏହି କ୍ରମରେ ବିଗତ ଦିନରେ ବରଗଡ ଜିଲ୍ଲାରେ ପରମ୍ପରାଗତ କୃଷି ବିକାଶ ଯୋଜନା ଚାଲିଥିବା ବେଳେ ପଦ୍ମପୁର,ସୋହେଲା, ପାଇକମାଲ, ଗାଇସିଲେଟ୍, ବରପାଲି, ବରଗଡ ଓ ଅମ୍ବାଭୋନା ବ୍ଲକ୍ ର ୨୭ଟି ଗ୍ରାମର ଶହ ଶହ ଚାଷୀଙ୍କ ଲକ୍ଷାଧିକ ଟଙ୍କା ଅଭ୍ୟୁଦୟ ନାମକ ଏକ ସଂସ୍ଥାର ଜନୈକ ସମ୍ପାଦକ ଆତ୍ମସାତ କରିଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି । ଏହି ସମ୍ପାଦକ ଜଣକ ଭଟଲି ବ୍ଲକ୍ ରାୟଶୋଭା ଗ୍ରାମର ହରେଶ କୁମାର ନାୟକ ବୋଲି ଚାଷୀଙ୍କ ପକ୍ଷରୁ ପ୍ରକାଶ । ପ୍ରକାଶ ଥାଉକି ପରମ୍ପରାଗତ କୃଷି ବିକାଶ ଯୋଜନା କେନ୍ଦ୍ର ସରକାରଙ୍କ ଜୈବିକ ଆତ୍ମନିର୍ଭରଶୀଳ କୃଷି ଭିତ୍ତିକ ଏକ ଯୋଜନା ଅଟେ । ଯାହା ରାଜ୍ୟ ସରକାର ଏନଜିଓ ମାଧ୍ୟମରେ ପରିଚାଳନା କରିଥିଲେ । ସେଦୃଷ୍ଟିରୁ ବରଗଡ ଜିଲ୍ଲାରେ ଅଭ୍ୟୁଦୟ ନାମକ ଏକ ସଂସ୍ଥାକୁ ଚୟନ କରି ଏହି କାର୍ଯ୍ୟକ୍ରମରେ ୫୦ ଏକର ଜମିକୁ ଗୋଟିଏ ୟୁନିଟ୍ ବା କ୍ଲଷ୍ଟର୍ ଭାବେ ନିଆଯାଇଥିଲା ଏବଂ ମୋଟ ୩୦ଗୋଟି ୟୁନିଟ୍ ତଥା ୧୫୦୦ ଏକର ଜମିରେ କାର୍ଯ୍ୟକାରୀ କରାଯାଇଥିଲା । ପ୍ରତି ୫୦ ଏକର ଜମିକୁ ପ୍ରାୟ ୧୫ଲକ୍ଷ ଟଙ୍କାର ବଜେଟ୍ ପ୍ରାବଧାନ ମଧ୍ୟ ସରକାର ରଖିଥିଲେ । ଏହି କାର୍ଯ୍ୟକ୍ରମରେ ସର୍ବମୋଟ୍ ହାରାହାରି ୩କୋଟି ୯୯ଲକ୍ଷ ଟଙ୍କାର ବ୍ୟୟ ଅଟକଳ ମୂଲ୍ୟର ବ୍ୟବସ୍ଥା ଥିଲା । ଚାଷୀମାନଙ୍କ ଚାଷକାମରେ ସହଯୋଗ ପାଇଁ ଏକର ପିଛା ୩୩୦୦ ଟଙ୍କା ଓ ରୋଗ ପୋକ ଦମନ ପାଇଁ ଜୈବିକ ଔଷଧ ବଣ୍ଟନ ବ୍ୟବସ୍ଥା ମଧ୍ୟ ଥିଲା ଯାହାକି ତିନି ବର୍ଷ ଯାଏଁ ପ୍ରତ୍ୟେକ ଚାଷୀ ପାଇବା କଥା । ମାତ୍ର ପରିତାପର ବିଷୟ କେବଳ ଅମ୍ବାଭୋନାର ୧୦ଟି କ୍ଲଷ୍ଟରର ଚାଷୀ ଗୋଟିଏ ବର୍ଷ ପାଇଛନ୍ତି । ବାକି କୌଣସି ଅଞ୍ଚଳର ଚାଷୀ ମୋଟେ ଏ ସୁଯୋଗ ପାଇନାହାନ୍ତି । ଠିକ ସେହିପରି ଚାଷୀଙ୍କ ଉତ୍ପାଦିତ ଶସ୍ୟର ପ୍ୟାକେଜିଂ, ଲେବେଲିଂ ଓ ଟ୍ରାନ୍ସପୋର୍ଟିଂ ବାବଦକୁ ୟୁନିଟ୍ ପିଛା ୩ଲକ୍ଷ ଟଙ୍କା ହିସାବରେ ୯୦ଲକ୍ଷ ଟଙ୍କାରୁ କେବଳ ଗାଇସିଲେଟ କ୍ଲଷ୍ଟରର ଚାଷୀମାନେ ମାତ୍ର ୬ଲକ୍ଷ ଟଙ୍କା ଟ୍ରାନ୍ ?ସପୋର୍ଟିଂ ବାବଦକୁ ପାଇଛନ୍ତି । ବାକି ୮୪ ଲକ୍ଷ ଟଙ୍କା ସେ ସମୟର ସିଡିଏଓ ଦୀନବନ୍ଧୁ ଗାନ୍ଧୀ ସହ ମିଶି ଅଭ୍ୟୁଦୟ ସଂସ୍ଥାର ହରେଶ ନାଏକ ଆତ୍ମସାତ କରିଥିବା ଚାଷୀଙ୍କ ପକ୍ଷରୁ ଅଭିଯୋଗ ହେଉଛି । ଗୋଟିଏ କ୍ଲଷ୍ଟରକୁ ତିନୋଟି ତାଲିମର ବ୍ୟବସ୍ଥା ମଧ୍ୟ ଥିଲା ଓ ପ୍ରତି ତାଲିମରେ ୨୦ ହଜାର ଟଙ୍କା ବ୍ୟୟ ଅଟକଳ ଥିଲା । ତେବେ ୩୦ଟି ୟୁନିଟ୍ କୁ ୬ ଲକ୍ଷଟଙ୍କା ଖର୍ଚ୍ଚର ବ୍ୟବସ୍ଥା ଥିଲା । ଚାଷୀଙ୍କ ଅଭିଯୋଗ ଅନୁଯାୟୀ ପ୍ରତି ତାଲିମକୁ ମାତ୍ର ୫ ରୁ ୬ ହଜାର ଟଙ୍କା ଖର୍ଚ୍ଚ ହୋଇଛି ଓ ତାହାପୁଣି ଗୋଟିଏ ବର୍ଷ ପାଇଁ ହୋଇଛି । ଯେଉଁଠି କି ସରକାର ୩ବର୍ଷ ପାଇଁ ଅର୍ଥ ମଞ୍ଜୁର କରିଥିଲେ । ଠିକ୍ ସେହିପରି ଏକ୍ସପୋଜର୍ ବା ପରିଦର୍ଶନ ପାଇଁ ପ୍ରତି ୟୁନିଟକୁ ବ୍ୟବସ୍ଥା ଥିବାବେଳେ ଅଭ୍ୟୁଦୟ ସଂସ୍ଥାର ସମ୍ପାଦକ ହରେଶ ନାଏକ ମାତ୍ର ତିନୋଟି ଏକ୍ସପୋଜର୍ ଭିଜିଟ୍‌ରେ ମାତ୍ର ୩୦ହଜାର ଟଙ୍କା ଖର୍ଚ୍ଚକରି ବାକି ୫ ଲକ୍ଷ ୭୦ ହଜାର ଟଙ୍କା ହଡପ୍ କରିଥିବା ଅଭିଯୋଗ ହେଉଛି । ଆହୁରି ମଧ୍ୟ ଚାଷୀଙ୍କ ପିଜିଏସ୍ (ଜୈବିକ ପ୍ରମାଣପତ୍ର) ବାବଦକୁ ୩୬ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି କିନ୍ତୁ ଅଦ୍ୟାବଧି କୌଣସି ଚାଷୀ ପ୍ରମାଣପତ୍ର ପାଇ ନାହାନ୍ତି । ୨୦୧୭/୧୮ରୁ ଦୀର୍ଘ ୪ବର୍ଷ କାଳ ସରକାର ୩ କୋଟି ୯୯ ଲକ୍ଷଟଙ୍କା ବ୍ୟୟ କରି ବରଗଡକୁ ବିଷମୁକ୍ତ ଖାଦ୍ୟ ଯୋଗାଇଦେବା ସହ ଏକ ଆତ୍ମନିର୍ଭରଶୀଳ କୃଷି ବ୍ୟବସ୍ଥା ସହ ରୋଗମୁକ୍ତ ସମାଜ ନିର୍ମାଣ କରିବାର ଲକ୍ଷ ଆଜି ଫଳହୀନ ହୋଇଯାଇଛି ଏବଂ ଅଭ୍ୟୁଦୟ ଏନଜିଓ ସଂସ୍ଥାର ସମ୍ପାଦକ ହରେଶ କୁମାର ନାଏକ କୋଟି କୋଟି ଟଙ୍କା ଆତ୍ମସାତ କରି ନିର୍ଭୟରେ ବୁଲୁଛନ୍ତି । ଏତେ ସବୁ କଳା କାରନାମା ସତ୍ତ୍ୱେ ସଂପୃକ୍ତ ଏନଜିଓକୁ କଳା ତାଲିକା ଭୁକ୍ତ କରାନଯିବା ଚର୍ଚ୍ଚାର ବିଷୟ ଅଟେ ବୋଲି ଚାଷୀ ମାନେ ଦୃଢ଼ ଅଭିଯୋଗ କରିଛନ୍ତି ।

## ଚଣ୍ଡିଖୋଲ ହାଇସ୍କୁଲରେ ଗଳ୍ପକଥନ ପ୍ରତିଯୋଗିତା

ଚଣ୍ଡିଖୋଲ, (ପିଏନ): ଭୁବନେଶ୍ୱରସ୍ଥ ଓଡିଶା ଷ୍ଟୋରୀଟେଲିଙ୍ଗ ସୋସାଇଟି ଓ ଚଣ୍ଡିଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟର ମିଳିତ ସହଯୋଗରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଗଳ୍ପକଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି କ୍ଷ ଏଥିପାଇଁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଦେବପ୍ରସାଦ ମଲ୍ଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଓଡିଶା ଷ୍ଟୋରୀଟେଲିଙ୍ଗ ସୋସାଇଟିର ପ୍ରତିଷ୍ଠାତା ଡକ୍ଟର ମନୀନ୍ଦ୍ର ନାରାୟଣ ନାୟକ ଯୋଗଦେଇ ଗଳ୍ପ ପଠନ,ଗଳ୍ପ ଶ୍ରବଣ ଏବଂ ଗଳ୍ପ କଥନ କିପରି ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ସ୍ତରକୁ ବୁଦ୍ଧିମନ୍ତ କରିଥାଏ ତାହାର ଅବତାରଣା କରିଥିଲେ କ୍ଷ ଏହି ବିଦ୍ୟାଳୟର ଛାତ୍ର ଥିବା ଡକ୍ଟର ନାୟକ ସେ ସମୟର ଛାତ୍ର-ଶିକ୍ଷକ ପରମ୍ପରା, ଛାତ୍ରଛାତ୍ରୀଙ୍କ ଶିକ୍ଷକଙ୍କ ପ୍ରତି ସମ୍ମାନବୋଧ,ଶିକ୍ଷକଙ୍କ ସ୍ନେହଶ୍ରଦ୍ଧା ଓ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ ଦିଗରେ ଥିବା ଅଙ୍ଗିକାରବଦ୍ଧତା ସମ୍ପର୍କରେ ନିଜର ଅନୁଭୂତି କହିଥିଲେ କ୍ଷ ଓଡିଶା ଷ୍ଟୋରୀଟେଲିଙ୍ଗ ସୋସାଇଟି ରାଜ୍ୟର ବିଭିନ୍ନ ଅଂଚଳରେ ଏହିପରି ପ୍ରତିଯୋଗିତାମାନ ଅନୁଷ୍ଠିତ କରାଇ ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ କରିବାରେ ଉଦ୍ୟମରତ ବୋଲି ସେ ପ୍ରକାଶ କରିଥିଲେ ।

## କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘ ଉଦ୍‌ଯାପିତ

ଭୁବନେଶ୍ବର,(ପି.ଏନ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ରେ ଦୁଇଦିନ ଧରି ଚାଲିଥିବା ଦଶମ ଛାୟା ଜାତସଂଘ (କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଏମୟୁଏନ) ରବିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ରାଜ୍ୟର ସମସ୍ତ ପ୍ରମୁଖ ବିଦ୍ୟାଳୟର ୮୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଚଳିତ ବର୍ଷ ଏମୟୁଏନ୍ ଅଧିବେଶନର ବିଷୟବସ୍ତୁ ଥିଲା 'ଗ୍ଲୋବାଲ୍ ସଷ୍ଟେନେବିଲିଟି: କୋଲାବରେଟିଭ୍ ଆକ୍ସନ୍ ଫର ଏ ରେଜିଲିଏଣ୍ଟ ଫ୍ୟୁଚର୍' । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୟୁନିସେଫ୍ ଭୁବନେଶ୍ୱରର ଫିଲ୍ଡ ଅଫିସ୍ ମୁଖ୍ୟ ୱିଲିୟମ୍ ହାନଲନ୍ ୨୦୩୦ ସୁଦ୍ଧା ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବ ବୋଲି ଆଶା ବ୍ୟକ୍ତ କରିଥିଲେ । ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ,ଜଳବାୟୁର ମୁକାବିଲା ଦିଗରେ ଯୁବଗୋଷ୍ଠୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜଳବାୟୁ ସଙ୍କଟ ଏକ ବଡ଼ ମାନବିକ ସଙ୍କଟ ଏବଂ ଜଳବାୟୁ ପରିବର୍ତ୍ତନ ପ୍ରଭାବ ଯୋଗୁଁ ପ୍ରତିଦିନ ଅନେକ ଲୋକଙ୍କୁ ବିସ୍ଥାପିତ ହେବାକୁ ପଡୁଛି । ଏହାର ମୁକାବିଲା ପାଇଁ ଏକ ସାମୂହିକ ଏବଂ ସହଯୋଗୀ ପଦକ୍ଷେପ ହିଁ ସହାୟକ ହୋଇପାରିବ । ଜଳବାୟୁ ସହନଶୀଳ ବିଶ୍ୱ, ଶାନ୍ତି, ନିରାପତ୍ତା, ମାନବିକ ଅଧିକାର ଏବଂ ବିକାଶ ଭଳି ଆନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବା ଏବଂ ବୁଝିବା ପାଇଁ ଏମୟୁଏନ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବ ବୋଲି ହାନଲନ୍ କହିଥିଲେ । ଏହି କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସ୍‌ନାଲ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନାଲିସା ବଳ କହିଲେ, ଜାତିସଂଘ ଏବଂ ୟୁଏନ-୭୫ ସହଯୋଗରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଛାୟା ଜାତିସଂଘ ଆୟୋଜନ କରିଆସୁଛି । ସ୍କୁଲ୍‌ର ଅନ୍ତର୍ଜାତୀୟ ପାଠ୍ୟକ୍ରମ ମୁଖ୍ୟ ରୋରି ମ୍ୟାକନମାରା କହିଲେ, ଛାୟା ଜାତସଂଘ ଏକ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ଏବଂ ବୁଝାମଣାକୁ ପ୍ରୋତ୍ସାହିତ କରିଥାଏ । ଭବିଷ୍ୟତ ପାଇଁ ବିଶ୍ୱ ନାଗରିକ ସୃଷ୍ଟି କରିବାରେ ଛାୟା ଜାତିସଂଘ ନିଶ୍ଚିତ ଭାବରେ ସହାୟକ ହେବ ବୋଲି ସ୍କୁଲ୍‌ର ଅଧକ୍ଷ ଡ. ସଞ୍ଜୟ ସୁଆର କହିଥିଲେ । ଉଦ୍‌ଯାପନୀ ଉତ୍ସବରେ ନରିନ୍ଦର ସିଂହ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟୀ ଭାଷଣ ପ୍ରଦାନ କରିଥିଲେ । ଏହା ସହ ପିଲାମାନେ ହାସ୍ୟ ଅଭିନେତା ରାହୁଲ ଦୁଆଙ୍କ ଚିତ୍ତାକର୍ଷକ ହାସ୍ୟରସର ଭରପୂର ମଜା ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ୍‌ର ଉପାଧକ୍ଷା ପ୍ରିୟା ୱାଦୱା ପ୍ରମୁଖ ଉପସ୍ଥିତ ଥିଲେ ।



## ପାଣିରେ ବୁଡ଼ି ଡାକ କର୍ମଚାରୀଙ୍କ ମୃତ୍ୟୁ

ନିମାପଡ଼ା,(ପି.ଏନ): ପୁରୀ ଜିଲ୍ଲା ନିମାପଡ଼ା ଏ ନ ଏସି ଅଧିନ ୪ ନମ୍ବର ୱାର୍ଡ ପାଟପୁର ନାୟକ ସାହି ଗ୍ରାମର ଡାକ କର୍ମଚାରୀ ବିଜୟ ଘଡ଼େଇ (୫୬) ଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି । ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (୧୭/୨୩) ରେ ରୁଜୁକରି ତଦନ୍ତ ଚଳାଇଛି ।ସୂଚନା ମୁତାବକ ବିଜୟ ବନ୍ଧ ରାସ୍ତାରେ ଯାଉଥିବା ବେଳେ କୌଣସି କାରଣରୁ ଭୁବନପୁର ଗ୍ରାମ ବ୍ରିଜ ନିକଟ ରାସ୍ତା କଡରେ ଥିବା ପାଣି ଖାଲ ରେ ପଡ଼ି ଯାଇଥିଲେ ।କିଛି ସମୟ ପରେ ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ ।ଅଗ୍ନିଶମ ବାହିନୀ ସେଠାରୁ ବିଜୟକୁ ଉଦ୍ଧାର କରି ନିମାପଡ଼ା ମେଡିକାଲ ରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ କୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର କୁ ପଠାଇଛନ୍ତି ।

## ରୁଆ ଗ୍ରାମରେ ସ୍ୱାମୀ ସାଜିଲା ପିଶାଚ : କଟୁରୀରେ ପତ୍ନିଙ୍କ ଗଳା କାଟି ନୃଶଂସଭାବେ ହତ୍ୟା,ସ୍ୱାମୀ ଫେରାର



ପୁରୀ,(ପି.ଏନ):ଚନ୍ଦନପୁର ଥାନା ଅଧୀନ ଭାଇଲପୁର ପଂଚାୟତର ରୁଆ ଗ୍ରାମରେ ଆଜି ମଧ୍ୟାହ୍ନରେ ଏକ ଲୋମ ଟାଙ୍କୁରା ଦୃଶ୍ୟ ଦେଖିବାକୁ ମିଳିଛି । ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ କଟୁରୀରେ ଅତ୍ୟନ୍ତ ନୃଶଂସଭାବେ ଗଳା କାଟିବା ପରେ ଚୋଟ ପରେ ଚୋଟ ମାରି ହତ୍ୟା କରାଯାଇଥିବାର ଦେଖିବାକୁ ମିଳିଛି । ମହିଳା ଜଣକ ହେଲେ ସସ୍ମିତା ବରାଳ(୪୨) ବୋଲି ସୂଚନା ମିଳିଛି । ସୂଚନା ମୁତାବକ,ମୃତକ ଜଣକ ରୁଆ ଗ୍ରାମର ଝିଅ ହୋଇଥିବା ବେଳେ,ରୁଆ ଗ୍ରାମରେ ଭୁତିଆ ନାମକ ବ୍ୟକ୍ତିଙ୍କୁ ବିବାହ କରିଥିଲେ । ଗତ କିଛି ବର୍ଷ ହେଲା ମହିଳା ଜଣକ ନୂଆ ଜଗନ୍ନାଥ ସଡକର ରୁଆ ଛକରେ ରାସ୍ତା ପାର୍ଶ୍ୱରେ ଏକ ଦୋକାନ କରିଥିଲେ । ଦୋକାନରେ ସମସ୍ତ ପ୍ରକାର ଦେଶୀ ଏବଂ ବିଦେଶୀ ମଦ ଖୋଲା ଖୋଲି ବିକ୍ରି କରାଯାଉଥିଲା ବୋଲି ସାଧାରଣ ଲୋକେ ସୂଚନା ଦେଇଛନ୍ତି । ଏ ନେଇ ସେଠାରେ ଅନେକ ସମୟରେ ଗଣ୍ଡଗୋଳ ହେଉଥିବାର ସୂଚନା ମିଳିଛି । ସୋମବାର ମଧ୍ୟାହ୍ନ ବେଳେ ତାଙ୍କ ସ୍ୱାମୀ ହାତରେ ଏକ କଟୁରୀ ଧରି ଦୋକାନରେ ବସିଥିବା ତାଙ୍କ ପତ୍ନିଙ୍କୁ ଆକ୍ରମଣ କରିଥିଲେ । ପରେ ତାଙ୍କୁ ଅତ୍ୟନ୍ତ ନୃଶଂସଭାବେ ଗଳା କାଟି ହତ୍ୟା କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । କେହି ନିଶା ବେପାରକୁ ନେଇ ହତ୍ୟା କାଣ୍ଡ ଘଟିଥିବା ବେଳେ,କେହି ମହିଳାଙ୍କ ଅନୈତିକ ସମ୍ପର୍କକୁ ନେଇ ତାଙ୍କ ସ୍ୱାମୀ କଟୁରୀରେ ବେକ କାଟି ହତ୍ୟା କରିଛନ୍ତି ବୋଲି କିଛି ଲୋକେ ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି । ଏ ନେଇ ଚନ୍ଦନପୁର ପୁଲିସ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରି ବ୍ୟବଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି । ଚନ୍ଦନପୁର ଥାନାଧିକାରୀ ବିଧିତା ନାୟକ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ସମ୍ପର୍କରେ ସୂଚନା ମିଳିବ ବୋଲି ସେ ସୂଚନା ଦେଇଛନ୍ତି । ଅନ୍ୟ ପକ୍ଷରେ ହତ୍ୟାକାରୀ ସ୍ୱାମୀ ଭୁତିଆକୁ ବର୍ତ୍ତମାନ ସୁଦ୍ଧା ପୁଲିସ ଧରିପାରି ନାହିଁ ବୋଲି ଜଣା ପଡିଛି ।

## ପାରାଦୀପ କରାଟେ ଆସୋସିଏସନ ପକ୍ଷରୁ ସଫଳ ଶିକ୍ଷାର୍ଥୀମାନଙ୍କୁ ବେଲ୍ଟ ପ୍ରଦାନ

ପାରାଦୀପ,(ପ.ଏନ): ପାରାଦୀପ କରାଟେ ଆସୋସିଏସନ ତରଫରୁ କରାଟେ ବେଲ୍ଟ ପରୀକ୍ଷା ପିପିଏଲ ପରିସରରେ ଅନୁଷ୍ଠିତ ହେଇ ଯାଇଛି କ୍ଷ ଏହି ପରୀକ୍ଷା ରେ ପିପିଏଲ ଡିଏଭି ସ୍କୁଲ ଏବଂ ଅନ୍ୟ ସ୍କୁଲ ର ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରି ବେଲ୍ଟ ପରୀକ୍ଷା ରେ ଉତୀର୍ଣ୍ଣ ହେଇଥିଲେ । ଏହି କରାଟେ ପରୀକ୍ଷା ରେ ୬୦ରୁ ଉର୍ଦ୍ଧ ଛାତ୍ର ଭାଗ ନେଇ ବିଭିନ୍ନ ରଙ୍ଗର ବେଲ୍ଟ ଗ୍ରହଣ କରି ଥିଲେ । ବିନାୟକ ମହାରଣା, ପଶୁପୁଲେତି ସରନି ଗ୍ରୋସ, ମାନସ ଦୋରା ସେମାଙ୍କର ବ୍ଲାକ ବେଲ୍ଟ ସାର୍ଟିଫିକେଟ ଗ୍ରହଣ କରି ଥିଲେ ।

## ମୌସୁମୀ ଆହାର: ୩ଟି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ଖାଦ୍ୟ ସହିତ ସଠିକ୍ ଖାଦ୍ୟ ଖାଆନ୍ତୁ

ଭୁବନେଶ୍ବର,(ପି.ଏନ): ନ୍ୟୁଟ୍ରିସ୍‌ନିଷ୍ଟ ଡଃ ରୋହିଣୀ ପାଟିଲ୍ । ମୌସୁମୀ ଋତୁ ଆରମ୍ଭ ହେବା ସହିତ ଋତୁକାଳିନ ଅସୁସ୍ଥତାରୁ ମୁକ୍ତି ପାଇବା ପାଇଁ ଆପଣଙ୍କର ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୁତ କରିବା ଜରୁରୀ ଅଟେ । ରୋଗ ପ୍ରତିରୋଧକ ଶକ୍ତି ବଢାଉଥିବା ଖାଦ୍ୟକୁ ନିଜ ଆହାରରେ ସାମିଲ କରିବା ଦ୍ୱାରା ତାହା ସଂକ୍ରମଣ ବିରୋଧରେ ଏକ ପ୍ରାକୃତିକ ପ୍ରତିରକ୍ଷା ପ୍ରଦାନ କରିପାରିଥାଏ । ଆସନ୍ତୁ ଆହାରରେ ୩ଟି ଶକ୍ତିଶାଳୀ ମୌସୁମୀ ସୁପରଫୁଡ୍ ସମ୍ପର୍କରେ ଜାଣିବା ଯାହା ଆପଣଙ୍କର ପ୍ରତିରକ୍ଷା ପ୍ରଣାଳୀକୁ ଆହୁରି ଉନ୍ନତ କରିପାରିବ । ଆଲ୍‌ମଣ୍ଡ ହେଉଛି ପୋଷଣରେ ଭରପୂର ଏକ ପାୱାର ହାଉସ୍ ଯାହା ଏକ ବିସ୍ତୃତ ଶୃଙ୍ଖଳାର ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରିଥାଏ, ଯାହା ଏହାକୁ ମୌସୁମୀ ଋତୁ ସମୟରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ପାଇଁ ଏକ ଚମତ୍କାର ବିକଳ୍ପରେ ପରିଣତ କରୁଛି । ଆଲ୍‌ମଣ୍ଡ ଭିଟାମିନ୍ ଇ'ରେ ସମୃଦ୍ଧ ରହିଥାଏ ଯାହା ଶରୀରର ପ୍ରତିରକ୍ଷା ପ୍ରଣାଳୀର ସଠିକ୍ କାର୍ଯ୍ୟକାରିତାରେ ସହଯୋଗ କରିଥାଏ । ଆଲ୍‌ମଣ୍ଡରେ ଜିଙ୍କ୍ ଭଳି ମିନେରାଲ ମଧ୍ୟ ରହିଛି ଯାହା ପ୍ରତିରକ୍ଷା କୋଷର ବିକାଶ ଓ କାର୍ଯ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଆଲ୍‌ମଣ୍ଡରେ ଥିବା ଆଂଟିଅକ୍ସିଡାଂଟ୍ କ୍ଷତିକାରକ ମୁକ୍ତ ରାଡିକାଲ୍‌ଗୁଡିକୁ ନିରପେକ୍ଷ ରଖିବାରେ ସାହାଯ୍ୟ କରିଥାଏ, ଅକ୍ସିଡେଟିଭ୍ ଷ୍ଟ୍ରେସ୍ ବା ଚାପ କମ୍ କରିଥାଏ ଓ ରୋଗ ପ୍ରତିରୋଧକ ଶକ୍ତିକୁ ଉନ୍ନତ କରିଥାଏ । ଆପଣ ପ୍ରତିଦିନ ଏକ ମୁଠା ଆଲ୍‌ମଣ୍ଡ ଖାଇପାରିବେ କିମ୍ବା ତାହାକୁ ଦହି, ସ୍ମୁଦି, ସାଲାଡ୍ କିମ୍ବା ଡେଜର୍ଟରେ ମିଶାଇ ଖାଇପାରିବେ । ଆପଣ ଆଲ୍‌ମଣ୍ଡ ବଟର୍‌କୁ ଏକ ସ୍ୱାସ୍ଥ୍ୟକର ସ୍ପ୍ରେଡ୍ ବିକଳ୍ପ ଭାବେ ମଧ୍ୟ ଉପଭୋଗ କରିପାରିବେ । ହଳଦୀ ଏହାର ପୋଟେଂଟ୍ ଆଂଟିଅକ୍ସିଡାଂଟ୍ ଓ ଆଂଟି-ଇନ୍‌ଫ୍ଲାମେଟୋରୀ ଗୁଣଗୁଡିକ କାରଣରୁ ମୌସୁମୀ ସମୟରେ ଏକ ନିଶ୍ଚିତ ଖାଦ୍ୟ ଅଟେ । ଏହି ଜୀବ' ହଳଦିଆ ରଙ୍ଗର ମସଲା ବା ସ୍ପାଇସ୍‌ରେ କରକୁମିନ୍ ପ୍ରଚୁର ପରିମାଣରେ ରହିଥାଏ, କରକୁମିନ ହେଉଛି ଅନେକ ସ୍ୱାସ୍ଥ୍ୟ ଜନିତ ଲାଭ ଥିବା ଏକ କମ୍ପାଉଣ୍ଡ୍ । କମଳା, ଲେମ୍ବୁ, ଅଁଳା (ଇଣ୍ଡିଆନ୍ ଗୁସ୍‌ବେରୀ), ପିଜୁଳି ଓ ଅଙ୍ଗୁର ଭଳି ସିଟ୍ରସ୍ ଫଳଗୁଡିକରେ ଜରୁରୀ ଭିଟାମିନ୍ ଓ ମିନେରାଲ ଭରି ରହିଥାଏ, ଯାହା ଏଗୁଡିକୁ ମୌସୁମୀ ସମୟରେ ସେବନ ପାଇଁ ଉପଯୁକ୍ତ କରିଥାଏ । ଏହି ଫଳଗୁଡିକରେ ପ୍ରଚୁର ପରିମାଣରେ ଭିଟାମିନ୍ ସି ରହିଛି, ଏକ ଶକ୍ତିଶାଳୀ ଆଂଟିଅକ୍ସିଡାଂଟ୍ ଯାହା ଇମ୍ୟୁନ୍ ହେଲ୍‌ଥ ବା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ମୌସୁମୀର ଆଗମନ ସହିତ ଏଭଳି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ଖାଦ୍ୟଗୁଡିକୁ ନିଜ ଆହାରରେ ସାମିଲ କରି ଆପଣ ନିଜର ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦିଅନ୍ତୁ । ହଳଦୀ, ସିଟ୍ରସ୍ ଫଳ ଓ ଆଲ୍‌ମଣ୍ଡ ଆପଣଙ୍କର ପ୍ରତିରକ୍ଷା ପ୍ରଣାଳୀକୁ ମଜଭୁତ କରିବା ଓ ଋତୁକାଳିନ ଅସୁସ୍ଥତାକୁ ଦୂରେଇ ରଖିବା ପାଇଁ ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ ପୋଷଣ, ଆଂଟିଅକ୍ସିଡାଂଟ୍ ଓ ଆଂଟି-ଇନ୍‌ଫ୍ଲାମେଟୋରୀ ଗୁଣ ପ୍ରଦାନ କରିପାରିବ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V

Timing: 5 PM to 6.30 PM



MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray